visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.09 Bhubaneswar Friday, February 11, 2022 | ୨୫ତମ ବର୍ଷ ସଂଖ୍ୟା–୦୯ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବିଧାନ ପରିଷଦ ଗଠନ: ଭଳୁଆ ବନାଇଥିଲା ଶାସକ ବିଜେଡି, ଧରାପଡିଗଲା ଚ୍ଚାଲାକି

ଭୁବନେଶ୍ୱର,୧୦।୨(ପି.ଏନ): ଓଡିଶାରେ ଏକ 'ବିଧାନ ପରିଷଦ' ଗଠନ ପାଇଁ ୨୦୧୪ ସାଧାରଣ ନିର୍ବାଚ୍ନ ପରଠୁ ଶାସକ ବିଜେଡିର ପ୍ରାୟୋଜିତ ଡ୍ରାମା ଆଜି ପଦାରେ ପଡିଛି। ବିଧାନ ପରିଷଦ ଗଠନର ଅନୁଧ୍ୟାନ ପାଇଁ ୨୦୧୫ ଜାନୁୟାରୀ ୭ରେ ୫ଜଣିଆ କମିଟି ଘୋଷଣା ଓ ଉକ୍ତ କମିଟିର ରିପୋର୍ଟ ପ୍ରଦାନ, କ୍ୟାବିନେଟରେ ବିଧାନ ପରିଷଦ ଗଠନ ନିମନ୍ତେ ସଂକଳ୍ପକୁ ଅନୁମୋଦନ ଓ ୨୦୧୮ ସେପ୍ଟେମ୍ବର ୬ରେ ବିଧାନସଭାରେ ଏ ସଂକ୍ରାନ୍ତ ସଂକଳ୍ପ ପାରିତ ହେବାର ସମସ୍ତ ପ୍ରକ୍ରିୟା ଏବେ ନିଷ୍ଫଳ ହୋଇଛି। ବିଧାନସଭାରେ ପାରିତ ହୋଇଥିବା ଏହି ସଂକଳ୍ପ ଆଜିପର୍ଯ୍ୟନ୍ତ କେଉଁଠି ରହିଛି ଓ ଦୀର୍ଘ ସାଢ଼େ ୩ବର୍ଷ ଧରି ଉକ୍ତ ସଂକଳ୍ପ ପ୍ରସ୍ତାବକୁ କାହିଁକି କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇନି, ତାକୁ ନେଇ ରାଜନୀତିକ ମହଲରେ ଚ୍ଚର୍ଚ୍ଚା ଆରମ୍ଭ ହୋଇଛି। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ୍ ରିଜିଜୁ ଆଜି ରାଜ୍ୟସଭାରେ ବିଜେଡି ସାଂସଦ ପ୍ରସନ୍ନ ଆଚ୍ାର୍ଯ୍ୟଙ୍କ



ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବିଧାନ ପରିଷଦ ଗଠନ ନେଇ ଓଡିଶାରେ ବିଜେଡି ସରକାରର ଅସଲ ଚେହେରାକୁ ପଦାରେ ପକାଇବା ସହ ରେକର୍ଡ ଅନୁସାରେ ଏଭଳି କୌଣସି ସଂକଳ୍ପ କେନ୍ଦ୍ର ସରକାରଙ୍କୁ ମିଳିନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତଥାପି ଏହି ସଂକଳ୍ପ ପାରିତ କରାଯିବା ସଂକ୍ରାନ୍ତରେ ଓଡିଶା ସରକାରଙ୍କଠୁ ସୂଚ୍ନା ସଂଗ୍ରହ କରାଯାଉଛି ବୋଲି ସେ କହିଛନ୍ତି। ଆସାମ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ସରକାର ସେମାନଙ୍କ ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ସଂକଳ୍ପ ପାରିତ କରିଥିବା ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଏବେ ୬ଟି ରାଜ୍ୟ ଯଥା- ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ଉତ୍ତରପ୍ରଦେଶରେ ରାଜ୍ୟ ବିଧାନ ପରିଷଦ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ୨୦୧୪ ସାଧାରଣ ନିର୍ବାଚ୍ନ ପରଠୁ 'ବିଧାନ ପରିଷଦ' କଥା କହି ନିଜ ଦଳର ନେତାମାନଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ବିଜେଡି ସରକାର ୨୦୧୮ ସେପ୍ଟେମ୍ବର ୬ତାରିଖରେ ରାଜ୍ୟ ବିଧାନସଭାରେ 'ବିଧାନ ପରିଷଦ' ଗଠନ ନେଇ ସଂକଳ୍ପ ପ୍ରସ୍ତାବ ପାରିତ କରିବା ସତ୍ତ୍ୱେ କାହିଁକି ତାକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ନାହାନ୍ତି। ସାଢ଼େ ୩ବର୍ଷ ଧରି ଏହି ସଂକଳ୍ପ ପ୍ରସ୍ତାବକୁ ରାଜ୍ୟ ସରକାର ପକାଇ ରଖିଥିବାବେଳେ ବିଜେଡି ସାଂସଦମାନେ ବିଭିନ୍ନ ସମୟରେ ରାଜ୍ୟସଭାରେ ଏନେଇ ଦାବି ଉତଥାପନ କରିବାକୁ ପଛାଇ ନାହାନ୍ତି। କିନ୍ତୁ ବିଧାନସଭାରେ ପାରିତ ଏହି ସଂକଳ୍ପ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖକୁ ନପଠାଇ ଶାସକ ବିଜେଡି କିଭଳି ସଂସଦରେ ଉକ୍ତ ପ୍ରସଙ୍ଗ ଉଠାଇବାକୁ ନିଜର ସାଂସଦମାନଙ୍କୁ ଅନୁମତି ଦେଉଥିଲା ତାହା ବି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ୧୪ରୁ ଖୋଲିବ ସ୍କୁଲ, ୨୮ରୁ ଆସିବେ ପିଲା



ଭୁବନେଶ୍ୱର, ୧୦।୨(ପି.ଏନ): ଆସନ୍ତା ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିବ। କିନ୍ତୁ ପିଲାମାନେ ୨୮ ତାରିଖରୁ ସ୍କୁଲ୍ ଯିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ଗଣଶିକ୍ଷା ସଚିବ ସମସ୍ତ ଜିଲ୍ଲାପାଳ ଓ ଡିଇଓମାନଙ୍କୁ ଚିଠି ଲେଖିଛନ୍ତି। ଭୋଟ୍ ପାଇଁ ସ୍କୁଲ୍ ଗୁଡ଼ିକରେ ବୁଥ୍ ହେବାକୁ ଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଫେବ୍ରୁଆରୀ ୨୭ ପର୍ଯ୍ୟନ୍ତ ପିଲାଙ୍କର ଅନ୍ ଲାଇନ୍ କ୍ଲାସ ହେବ। ୧୪ରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍କୁଲ୍ ଯିବେ। ସ୍କୁଲକୁ ଯାଇ ସେମାନେ ଏହା ପରିସରର ସଫେଇ କାର୍ଯ୍ୟ ତଦାରଖ କରିବେ।ପୂର୍ବରୁ ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ନିମନ୍ତେ ବିଦ୍ୟାଳୟରେ ପାଠପଢ଼ା ନିଷ୍ପତି ନେଇଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବା ଯୋଗୁଁ ଏଗୁଡ଼ିକର ସଫେଇ, ସାମାନ୍ୟ ମରାମତି ଏବଂ ପିଲାମାନଙ୍କ ନିମନ୍ତେ ଉତମ ପରିବେଶ ସୃଷ୍ଟି ନିମନ୍ତେ ସମୟର ଆବଶ୍ୟକତା ରହିଛି । ଏଥି ସହିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶିକ୍ଷକମାନେ ନିୟୋଜିତ ହେବେ । ଏଥି ସହିତ ନିର୍ବାଚନ ସମୟରେ ପୋଲିସ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଗହଳି ଯୋଗୁଁ କୋଭିଡ୍ -୧୯ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉପରୋକ୍ତ ମର୍ମରେ ନିଷ୍ପତି ନିଆଯାଇଛି । ଫେବୃଆରୀ ୨୮ରେ ଅଫ୍ ଲାଇନ୍ ପାଠପଢ଼ା ଆରମ୍ଭ ହେଲେ ମଧ୍ୟ ୧୪ ତାରିଖଠାରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଯୋଗଦେବେ ଏବଂ ବିଦ୍ୟାଳୟର ଉପଯୁକ୍ତ ସାନିଟାଇଜେସନ୍‌କୁ ସୁନିଶ୍ଚିତ କରାଇବେ । ଏହି ସମୟ ମଧ୍ୟରେ ପିଲାମାନଙ୍କର ଅନ୍‌ଲାଇନ୍ ପାଠପଢ଼ା ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ଉଲ୍ଲେଖନୀୟ ଯେ ଗତ ୭ ତାରିଖରୁ ଅଷ୍ଟମରୁ ତଦୁର୍ଦ୍ଧ ଶ୍ରେଣୀ ଖୋଲି ସାରିଛି। ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ବି ଖୋଲି ସାରିଛି। କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ଥିବା ସ୍କୁଲ୍ ଗୁଡ଼ିକୁ ମଧ୍ୟ ଫେବ୍ରୁଆରୀ ୧୪ ତାରିଖରୁ ଖୋଲିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ୧୪ରୁ ପ୍ଲେ ସ୍କୁଲ୍ ଗୁଡ଼ିକୁ ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଇଛି।

### ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ଠାରୁ ନିଆଯିବ ମତାମତ

ଭୁବନେଶ୍ୱର, ୧୦।୨(ପି.ଏନ): ରାଜ୍ୟରେ ଚଳିତ ଫେବୃଆରୀ ୭ ତାରିଖଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିବା ସହ ଅଫ୍‌ଲାଇନ୍/ଅନ୍ ?ଲାଇନ/ହାଇବ୍ରିଡ୍ ମୋଡ୍ ରେ ଶିକ୍ଷାଦାନ କରାଯାଉଛି । ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାବଦରେ ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନାପୂର୍ବକ ଏହି ଅଂଶୀଦାରମାନଙ୍କ ମତାମତ ଆଧାରରେ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାଙ୍କନ ନିମନ୍ତେ ଉପଯୁକ୍ତ ପ୍ରସ୍ତାବ ଗ୍ରହଣ କରାଯିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଆଲୋଚନା ନେଇ ସବିଶେଷ ପଦକ୍ଷେପ ଗ୍ରହଣ କରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ କୋଭିଡ୍-୧୯ ଶିକ୍ଷା କ୍ଷେତ୍ର ପାଇଁ ଏକ କଠିନ ସମୟ ସୃଷ୍ଟି କରିଛି ଏବଂ ଏହି ଆହ୍ୱାନଗୁଡ଼ିକୁ ଯଥା ସମ୍ଭବ ସମାଧାନ କରାଯିବ। ଶିକ୍ଷାଦାନର ପୁନରାରମ୍ଭ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ଏବଂ ଶିକ୍ଷଣ ପ୍ରକ୍ରିୟାରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଆମେ ପ୍ରଧାନତଃ ଗୁରୁତ୍ୱାରୋପ କରିଛୁ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି।

### ହାଇକୋର୍ଟରେ ୩ ନୂଆ ବିଚାରପତିଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୦।୨(ପି.ଏନ): ଓଡ଼ିଶା ହାଇକୋର୍ଟରେ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି । ରାଷ୍ଟ୍ରପତି ରାମନାଥ କୋଭିନ୍ଦ ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ ଓ ମୂରାହରି ରମଣଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତିଭାବେ ନିଯୁକ୍ତ କରିଛନ୍ତି । ଏ ସଂପର୍କରେ ଆଜି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଗୋଟିଏ ଦିନରେ ୧୪୮୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୩୦୦୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୩୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୮୧୫୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୯୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୮୦ ଜଣଙ୍କ ମଧ୍ୟରୁ ୮୬୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୬୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୭୨ , ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩୬ , କଟକରୁ ୧୩୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୩, ଗଂଜାମ ଜିଲ୍ଲାରେ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୩, ଯାଜପୁରରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୪୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୨ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୪ , ଖୋର୍ଦ୍ଧାରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୫୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସ୍ଥାନାନ୍ତର ହେବ ୟୁନିଟ-୧ ପରିବା ମାର୍କେଟ

ଭୁବନେଶ୍ୱର ,୧୦।୨(ପି.ଏନ): ଭୁବନେଶ୍ୱର ସ୍ଥିତ ୟୁନିଟ-୧ ପରିବା ହୋଲ୍‌ସେଲ୍ ମାର୍କେଟ ସ୍ଥାନାନ୍ତର ହେବ। ରାଜଧାନୀ ଉପକଣ୍ଠସ୍ଥ ଭଗବାନପୁରକୁ ଏହା ସ୍ଥାନାନ୍ତରିତ ହେବ। ଏଥିପାଇଁ ସେଠାରେ ୧୦ ଏକର ଜମି ଚିହ୍ନଟ କରାଯାଇଛି। ପରିବା ହୋଲ୍‌ସେଲ୍ ମାର୍କେଟ୍ ପାଇଁ ସେଠାରେ ଆବଶ୍ୟକ ଭିତିଭୂମି ରହିଛି। ପରିବା ମାର୍କେଟ୍ ପାଇଁ ହେଉଥିବା ଗହଳି କମାଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ଏନେଇ ଆଜି ବିଏମ୍‌ସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା।ମାର୍କେଟ୍ ସ୍ଥାନାନ୍ତର ନିଷ୍ପତିକୁ ସ୍ୱାଗତ କରିଛି ରାଜଧାନୀ କଂଚା ପରିବା ବ୍ୟବସାୟୀ ମହାସଂଘ। କଂଚା ପରିବା ବ୍ୟବସାୟୀ ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି ୧୯୫୭ ମସିହାରୁ ୟୁନିଟ-୧ରେ ୪ ଏକର ଜାଗା ଉପରେ ଅଛି ପରିବା ହୋଲ୍‌ସେଲ୍ ମାର୍କେଟ। ଏବେ ଏଠାରେ ୪୯ ଜଣ ପରିବା ହୋଲ୍ ସେଲ୍ ବ୍ୟବସାୟୀ ଅଛନ୍ତି। ପ୍ରତିଦିନ ଏଠାକୁ ୨୦୦ ଟ୍ରକ ଯିବା ଆସିବା କରୁଛି। ତେବେ ଏଠାରେ ସ୍ଥାନ ଅଭାବରୁ ପରିବା ହୋଲସେଲ ମାର୍କେଟକୁ ସ୍ଥାନାନ୍ତର କରିବା ଲାଗି ୨୦୦୭ରୁ ଦାବି କରି ଆସୁଥିଲା ସଂଘ। ନୂଆ ମାର୍କେଟରେ ୪୯ ଜଣ ବ୍ୟବସାୟୀଙ୍କ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯିବା ଦରକାର। ଏହାସହ ପାଣି, ବିଜୁଳି ଓ ସଡ଼କ ଭଳି ଅନ୍ୟ ଆନୁଷଙ୍ଗିକ ସୁବିଧା କଲେ ପରିବା ହୋଲସେଲ ବ୍ୟବସାୟୀ ସେଠାକୁ ସ୍ଥାନାନ୍ତର ହେବେ।

## ଏନଟିପିସି କଣିହାଁ ମୋବାଇଲ୍ ମେଡିକାଲ୍ ଭ୍ୟାନ୍ ସେବା ଉଦ୍‌ଘାଟିତ

କଣିହାଁ,(ପି.ଏନ): କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ଶ୍ରୀନିବାସା ରାଓ ଏହି ପ୍ରକଳ୍ପର ଉଦଘାଟନ କରିଛନ୍ତି, ଯାହା ୧୦ ଫେବୃଆରୀରୁ ୨୫ ଟି ପ୍ରକଳ୍ପ ପ୍ରଭାବିତ ଗାଁର ଚ଼ିକିତ୍ସା ଆବଶ୍ୟକତା ପୂରଣ କରିବାକୁ ସ୍ଥିର ହୋଇଛି। ଡାକ୍ତର, ଜଣେ ତାଲିମପ୍ରାପ୍ତ ନର୍ସ, ଫାର୍ମାସିଷ୍ଟ, ଲ୍ୟାବ ଟେକ୍ନିସିଆନ ଏବଂ ଏମଏସ ସଂଯୋଜକଙ୍କ ସମେତ ନଅ ଜଣ କର୍ମଚ଼ାରୀ ଏହି ୟୁନିଟକୁ ସହାୟତା କରିବେ।ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଆଶାକର୍ମୀ ତଥା ନୂତନ ମା, ନବଜାତ ଶିଶୁମାନଙ୍କୁ ମାତୃ ମୃତ୍ୟୁହାର (MMR), ଶିଶୁ ମୃତ୍ୟୁହାର (IMR) ହ୍ରାସ କରିବା ଏବଂ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଏବଂ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ।ଏହି କାର୍ଯ୍ୟକ୍ରମରେ ଶ୍ରୀ ବିଜୟ ଗୋଏଲ, ଜିଏମ (ଓ ଆଣ୍ଡ ଏମ), ଶ୍ରୀ ପ୍ରେମ ଚ଼ାନ୍ଦ, ଜିଏମ (ଏଚ଼ଆର), ଶ୍ରୀ ରାଜେନ୍ଦ୍ରନାଥ ଦାସ, ଜିଏମ , ଜି ମୋହାକୁଲ, ସିଏମଓ ଏବଂ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।



## ପଂଚାୟତ ନିର୍ବାଚନ ଲାଗି ଗାଡ଼ି ଓ ମାଇକ ପାଇଁ ଅନୁମତି ପତ୍ର ଦେଇପାରିବେ ତହସିଲଦାର : ନିର୍ବାଚନ କମିଶନ

ଭୁବନେଶ୍ୱର ,୧୦।୨(ପି.ଏନ): ବର୍ତ୍ତମାନ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନେ ନିର୍ବାଚନରେ ଡାକବାଜି ଯନ୍ତ୍ର ଓ ଗାଡ଼ିର ବ୍ୟବହାର ନିମନ୍ତେ ସଂପୃକ୍ତ ଅଧିକାରୀଙ୍କଠାରୁ ଅନୁମତି ପତ୍ର ପ୍ରାପ୍ତ ହେବା ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ନିର୍ବାଚନ କମିଶନଙ୍କଠାରେ ଅନେକ ଅଭିଯୋଗ ଆସି ପହଂଚୁଛି । ଏହାର ସୁପରିଚାଳନା ନିମନ୍ତେ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଗାଡ଼ି ଓ ଡାକବାଜି ଯନ୍ତ୍ରର ଅନୁମତି ପତ୍ର ପ୍ରଦାନ କରିବା ନିମନ୍ତେ ପ୍ରାଧିକୃତ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ସବୁ ରାଜନୈତିକ ଦଳମାନେ ସହଜରେ ଅନୁମତି ପତ୍ର ପାଇପାରିବେ । ସଂପୃକ୍ତ ଉପଜିଲ୍ଲାପାଳଙ୍କ ସହ ସ୍ଥାନୀୟ ତହସିଲଦାରମାନେ ନିର୍ବାଚନ ନିମନ୍ତେ ଗାଡ଼ି ଓ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ ଅନୁମତି ପତ୍ର ପ୍ରଦାନ କରିପାରିବେ । ଯେଉଁ ବ୍ଲକ୍ ପୁଲିସ କମିଶନରେଟ୍ ଅଧୀନରେ ଆସୁଛି ସେଠାରେ ସଂପୃକ୍ତ ପୁଲିସ କମିଶନର ଆବଶ୍ୟକ ଅନୁମତି ପତ୍ର ପ୍ରଦାନ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସରପଂଚ ଓ ପଂଚାୟତ ସମିତି ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସ୍ଥାନୀୟ ବିଡିଓ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସଂପୃକ୍ତ ଉପଜିଲ୍ଲାପାଳମାନେ ଅନୁମତି ପତ୍ର ପ୍ରଦାନ କରିବେ ବୋଲି ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମ୍ୟୁନିସିପାଲ କର୍ପୋରେସନ ଆଇନକୁ ଉଲ୍ଲଂଘନ କରି ପୌର ନିର୍ବାଚନ କରିବାକୁ ଷଡଯନ୍ତ୍ର ହୋଇଛି : ବିଜେପି

ଭୁବନେଶ୍ୱର,୧୦।୨(ପି.ଏନ):- ସାଧାରଣରେ ଭୋଟରଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇ ନିର୍ବାଚନ ଅନୁଷ୍ଠିତ ହେବା ନିହାତି ଆବଶ୍ୟକ । ଭୋଟରମାନଙ୍କୁ ଭୋଟଦାନରୁ ବଂଚିତ କରିବାର ଅଧିକାର କାହାକୁ ଦିଆଯାଇନାହିଁ । "ରାଜ୍ୟ ମ୍ୟୁନିସିପାଲ କର୍ପୋରେସନ ଆଇନ-୨୦୦୩"କୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ଆଗାମୀ ପୌର ନିର୍ବାଚନ ଅନୁଷ୍ଠିତ କରାଯିବାର ଷଡଯନ୍ତ୍ର ରଚାଯାଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏହା ଦ୍ୱାରା ବହୁ ସଂଖ୍ୟାରେ ଭୋଟରମାନେ ବିଭିନ୍ନ ହଇରାଣ ଶିକାର ହେବା ସହିତ ନିଜ ମୌଳିକ ମତଦାନ ଦେବାରୁ ବଂଚିତ ହେବେ । ପ୍ରାଥମିକ ଭୋଟର ତାଲିକା ଆଜି ପ୍ରକାଶ ପାଇଛି ଏବଂ ଏଥିରେ କୌଣସି ତୃଟି ଥିଲେ ଅଭିଯୋଗ ସମୟ ସୀମାକୁ ୧୦ ରୁ ୬ ଦିନକୁ ହ୍ରାସ କରାଯାଇଛି । ସେହିପରି ଦାଖଲ ହୋଇଥିବା ଅଭିଯୋଗର ତଦନ୍ତ ଓ ଫଇସଲା ପାଇଁ ଧାର୍ଯ୍ୟ ୩ ଦିନକୁ ହ୍ରାସ କରାଯାଇ ମାତ୍ର ଗୋଟିଏ ଦିନ ପାଇଁ କରାଯାଇଛି । ଏହି ଅଳ୍ପ ସମୟରେ ଭୋଟର ତାଲିକାରେ ଥିବା ତୃଟିକୁ ଅନୁଧ୍ୟାନ କରି ସଂଶୋଧନ ପାଇଁ ଆବେଦନ କରିବା ଆଦୌ ସମ୍ଭବ ନୁହେଁ।

## ବିଜେପି ପାଇଁ ପ୍ରଚ଼ାର କରିବାକୁ ଯାଇ ହଟହଟା ହେଲେ ବିଜେଡି ନେତା !

ବାଲୁଗାଁ,୧୦।୨(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚ୍ନ ପାଖେଇ ଆସୁଥିବାରୁ ଉଷ୍ମ ହେଉଛି ଗାଁ ରାଜନୀତି। ଭୋଟ୍ ଭିକ୍ଷା ପାଇଁ ନେତାମାନେ ଏବେ ଗାଁ ମୁହାଁ ହୋଇଛନ୍ତି। ଏପରି ସ୍ଥିତିରେ ଆଜି ଖୋର୍ଦ୍ଧା ଜିଲ୍ଲା ଚ଼ିଲିକା ନିର୍ବାଚ଼ନମଣ୍ଡଳୀରେ ଦେଖିବାକୁ ମିଳିଛି ଭିନ୍ନ ଚ଼ିତ୍ର। ବିଜେପି ପାଇଁ ପ୍ରଚ଼ାର କରିବାକୁ ଆସି ବିଜେଡିର ପୂର୍ବତନ ବିଧାୟକ ହଟହଟା ହୋଇଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥୀ ଓ କର୍ମୀମାନେ ତାଙ୍କୁ ବିରୋଧ କରିଛନ୍ତି।ଚ଼ିଲିକା ନିର୍ବାଚ଼ନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ହେଉଛନ୍ତି ରଘୁନାଥ ସାହୁ। ଆଜି ସକାଳେ ସେ ନିର୍ବାଚ଼ନ ପ୍ରଚ଼ାର ପାଇଁ ବାଣପୁର ବ୍ଲକ୍ କୁମାରାଙ୍ଗ ପଞ୍ଚାୟତର ଗୋବିନ୍ଦପୁର ଗାଁକୁ ଯାଇଥିଲେ। ପ୍ରଚ଼ାର ପୂର୍ବରୁ ସେ ଜଣଙ୍କ ଘରେ ବସିଥିଲେ। ଏ ସମ୍ପର୍କରେ ବିଜେଡି କର୍ମୀମାନେ ଜାଣିପାରି ସେଠାରେ ପହଞ୍ଚିଥିଲେ। ରଘୁନାଥ ସାହୁଙ୍କୁ ଜୋରଦାର ବିରୋଧ କରିଥିଲେ। ଏପରିକି ନାରାବାଜି ଦେଇଥିଲେ। ରଘୁନାଥ ସାହୁ ବିଜେଡିରେ ଥାଇ ବିଜେପିକୁ ସହଯୋଗ କରୁଥିବା ଅଭିଯୋଗ ଆଣି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତ?ଜନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ପୁଲିସ୍? ସେଠାରେ ପହଞ୍ଚି ରଘୁନାଥ ସାହୁଙ୍କୁ ଉଦ୍ଧାର କରିଥିଲେ। ଏପରିକି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଜେଡି କର୍ମୀଙ୍କୁ ପୁଲିସ ଘଉଡାଇଥିଲା। ତେବେ ବିଜେଡିର ୧୫ ନମ୍ବର ଜୋନ୍?ର ଜିଲ୍ଲାପରିଷଦ ପ୍ରାର୍ଥୀ ଆସି ସେଠାରେ ପୁଲିସ୍?କୁ ବିରୋଧ କରିଥିଲେ। ପରେ ପୁଲିସ୍? ତାଙ୍କୁ ତାଗିଦ କରିଥିବା ଜଣାପଡିଛି। ଏନେଇ ସମିତି ସଭ୍ୟ ପ୍ରାର୍ଥୀ ମନୋଜ କୁମାର ପ୍ରଧାନ କହିଛନ୍ତି- "ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚ଼ାର କରିବାକୁ ଆସିଥିଲେ ପୂର୍ବତନ ବିଜେଡି ବିଧାୟକ। ସେ ବିଜେଡି ନାଁ ନେଇ ବିଜେପି ପାଇଁ ପ୍ରଚ଼ାର କରୁଛନ୍ତି। ସେଥିପାଇଁ ଆଜି ତାଙ୍କୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ବିଜେପିରେ ମିଶିବାର ଥିଲେ ମିଶିଯାଅ। ହେଲେ ବିଜେଡିରେ ରହି ବିଜେପି ପାଇଁ ପ୍ରଚ଼ାର କରିବାକୁ ଆମେ ଦେବୁନାହିଁ।" ପୂର୍ବତନ ବିଧାୟକ ରଘୁନାଥ ସାହୁ କହିଛନ୍ତି- "ମୁଁ ବିଜେଡିରେ ଅଛି। ବିଜେପି ପାଇଁ କାହିଁକି କାମ କରିବି? ମୋତେ କାହିଁକି ବରୋଧ କରାଯାଉଛି ମୁଁ କିଛି ଜାଣିନି। ପଞ୍ଚାୟତ ବୁଲି ଲୋକଙ୍କ ମତାମତ ଜାଣିବା ପାଇଁ ଆସିଥିଲି। କିନ୍ତୁ କୌଣସି ପ୍ରଚ଼ାର ପାଇଁ ଆସିନଥିଲି।"



## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଅଗର କଂଗ୍ରେସ ନା ହୋତି' ଭାଷଣକୁ କଂଗ୍ରେସର ନିନ୍ଦା

ଭୁବନେଶ୍ୱର, ୧୦।୨(ପି.ଏନ): ପ୍ରଧାନମନ୍ତ୍ରୀ ମୋଦିଙ୍କ ଦଳର ପୂର୍ବଜମାନେ ବ୍ରିଟିଶର ଏଜେଂଟ ଭାବରେ କାର୍ଯ୍ୟକରୁଥିଲେ। ଦେଶ ସ୍ୱାଧୀନତା ପାଇଁ ଆରସେସ୍ ବା ଜନସଂଘ ବିନ୍ଦୁଏ ମାତ୍ର ଅବଦାନ ନାହିଁ। କଂଗ୍ରେସ ଏକ ଦଳ ନୁହେଁ, କଂଗ୍ରେସ ଏକ ବିଚାରଧାରା। ଦେଶର ଜନସାଧାରଣ କଂଗ୍ରେସର ବିଚାର ଧାରାରେ ଅନୁପ୍ରାଣିତ ହୋଇ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁଭାଷ ବୋଷଙ୍କ ନେତୃତ୍ୱରେ ଦେଶରୁ ବ୍ରିଟିଶ ରାଜକୁ ବିଲିନ କଲେ। କଂଗ୍ରେସ ଭାରତ ଗଠନ କରିଛି। କଂଗ୍ରେସ ନଥିଲେ ଏକ ଅଖଣ୍ଡ ଭାରତ ଗଠନ ସମ୍ଭବ ହୋଇପାରିନଥାନ୍ତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଅଗର କଂଗ୍ରେସ ନା ହୋତି"ଭାଷଣ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।ସେ କହିଛନ୍ତି ପଣ୍ଡିତ ନେହେରୁ ଆଇଆଇଟି, ଏମ୍ସ, ଏନଆଇଡି, ଇସ୍ରୋ, ମହାକାଶ ବିଜ୍ଞାନ ଗବେଷଣା ଠାରୁ ଆରମ୍ଭ କରି ହିରାକୁଦ, ଭାକ୍ରାନଙ୍ଗଲ ପରି ଅନେକ ଜଳ ଭଣ୍ଡାର, ରାଉରକେଲା ଓ ବୁକାର ପରି ଅନେକ ଶିଳ୍ପ ଏବଂ ପାରାଦ୍ୱୀପ ପରି ଅନେକ ବନ୍ଦର ପ୍ରତିଷ୍ଠା କରି ଏ ଦେଶକୁ ଆତ୍ମନିର୍ଭରଶୀଳ କରିଛନ୍ତି। ଇନ୍ଦିରା ଗାନ୍ଧୀ ବ୍ୟାଙ୍କ ଓ ଖଣି ଜାତୀୟକରଣ, ରାଜାରାଜୁଡ଼ାଙ୍କ ହାତପାଣ୍ଠି ଉଚ୍ଛେଦ, ଗରିବି ହଟାଓ ଅଭିଯାନ, ଆଣବିକ ବୋମା ପରୀକ୍ଷା ପର୍ଯ୍ୟନ୍ତ ଦେଶର ସାମଗ୍ରିକ ବିକାଶରେ ଇନ୍ଦିରାଙ୍କ ଅବଦାନ ଅତୁଳନୀୟ ହେଲେ କଂଗ୍ରେସରୁ ସୃଷ୍ଟ ନେହେରୁ, ଇନ୍ଦିରା, ରାଜୀବ ଓ ମନମୋହନଙ୍କ ପରି ପ୍ରଧାନମନ୍ତ୍ରୀ ଦେଶପାଇଁ ଯେଉଁ ସଂପତି ସୃଷ୍ଟିକରିଥିଲେ ତାହାକୁ ନରେନ୍ଦ୍ର ମୋଦି ଏବେ ବିକ୍ରୀ କରିଚାଲିଛନ୍ତି। ୧୯୭୧ ମସିହାରେ ଇନ୍ଦିରା ପାକିସ୍ଥାନକୁ ଦୁଇଭାଗ କରିଦେଇଥିବା ଘଟଣାକୁ କ'ଣ ମୋଦି ପାସୋରି ଗଲେଣକି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେମୋଦୀ ପ୍ରଧାନ ମନ୍ତ୍ରୀ ହେବାପରଠାରୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବିପନ୍ନ ହୋଇଛି। ମୋଦିଙ୍କ ପାଇଁ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ମୁଦ୍ରାସ୍ଫିତି ବଢ଼ିଛି। ଜାତିର ଜନକଙ୍କୁ ଅପମାନ କରିବାପାଇଁ ନାଥରାମ ଗଡସେର ମନ୍ଦିର ନିର୍ମାଣ ହେଉଛି। ମୋଦୀ କରୋନା ଆଳରେ ହଜାର ହଜାର କୋଟି ଟଙ୍କା ବାଟମାରଣା କରିଛନ୍ତି, ଚାଷୀଙ୍କୁ ହତ୍ୟା କରିଛନ୍ତି। ମୋଦି ଓ ଅମିତ ସାହା ନଥିଲେ ଗୁଜରାଟରେ ୪ ହଜାର ମୁସଲିମଙ୍କୁ ହତ୍ୟା କରାଯାଇ ନଥାନ୍ତା। ପ୍ରଦେଶ କଂଗ୍ରେସ ଉପସଭାପତି ଯଜ୍ଞେଶ୍ୱର ବାବୁ କହିଲେ ଯେ ମୋଦୀଙ୍କର "ଅଗର କଂଗ୍ରେସ ନା ହୋତି"ଭାଷଣରୁ ସ୍ପଷ୍ଟ ହେଉଛି ଯେ ମୋଦି ନିଜର ଅପକର୍ମ ଓ କୁଶାସନ ପାଇଁ ଜନସାଧାରଣଙ୍କ ବିଶ୍ୱାସନୀୟତା ହରାଇଛନ୍ତି। ମୁଖ୍ୟ ପ୍ରସଙ୍ଗରୁ ଓହରିଯାଇ ଏକ ବାଚଳା ଏବଂ ଷଡ଼କଛାପର ପରି ଭାଷଣ ଦେଉଛନ୍ତି। ସେ ଏତଦ୍ୱାରା ନିଜର ପ୍ରଧାନମନ୍ତ୍ରୀ ପଦମର୍ଯ୍ୟାଦା ଏବଂ ସଂସଦର ଗରିମା ନଷ୍ଟ କରିଛନ୍ତି। ମୋଦିଙ୍କର ଦଳର ପୂର୍ବଜମାନେ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିନଥିଲେ ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଧରାଇଦେବା ପାଇଁ ବ୍ରିଟିଶର ଚାମଚାଗିରି କରୁଥିଲେ। ସୁତରାଂ ୫ଟି ରାଜ୍ୟରେ ସାଧାରଣ ନିର୍ବାଚନରେ ମୋଦିଙ୍କ ଦଳ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖାନ କରୁଥିବା ଜାଣି ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦିଙ୍କ "ଅଗର କଂଗ୍ରେସ ନା ହୋତି" ଭାଷଣ ତାଙ୍କର ନୈରାଶ୍ୟର ପ୍ରତିଫଳନ। ଏହି ସାମ୍ବାଦିକ ସମ୍ମିଳନୀରେ ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ରବି ରାୟ ପ୍ରମୁଖ ଉପସ୍ଥିତ ଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍, ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




—ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ—

# ଅନ୍ତ୍ୟୋଦୟରୁ ଅନନ୍ତ ବିକାଶ

ଭାରତର ସଂସ୍କୃତି ନିଜ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ, ସମାଜ ପାଇଁ, ଦେଶପାଇଁ ବଞ୍ଚିବାକୁ ଶିକ୍ଷା ଦେଇଥାଏ, ସୀମିତତାରୁ ଅସୀମିତତା ଆଡକୁ ଯିବା ଲାଗି ପ୍ରେରଣା ଦେଇଥାଏ । ସେଥିପାଇଁ ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟାଃ, କଥା ଶୁଣାଇଥାଏ । ସଂକୀର୍ଣ୍ଣତା ନୁହେଁ ସଂସ୍କୃତି ଓ ସର୍ବବ୍ୟାପକ ଦର୍ଶନକୁ ନେଇ କାର୍ଯ୍ୟ କରିବାକୁ କହିଥାଏ । ଆଉ ସେହି ଦର୍ଶନକୁ ନେଇ ସାରାଜୀବନ ଜୀଇଁଥିବା ମଣିଷ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ । ବ୍ୟକ୍ତିଗତ ଜୀବନରେ ସରଳ, ସାଧାରଣ, ପ୍ରଚାରକ ଭାବେ କାର୍ଯ୍ୟକରି ସେ ଯେଉଁ ଏକାତ୍ମ ମାନବବାଦ ଦର୍ଶନ ଦେଇଗଲେ ତାହା ଦୀର୍ଘ ଦୁଇଦଶନ୍ଧିର କେନ୍ଦ୍ର ସରକାରଙ୍କ ପାଇଁ ବିକାଶର ମୂଳଭିତ୍ତି ହୋଇଆସିଛି । ପ୍ରଥମ ଦଫାରେ ଅଟଳବିହାରୀ ବାଜପେୟୀଙ୍କ ସରକାର ଏବଂ ଦ୍ୱିତୀୟ ଦଫାରେ ବର୍ତ୍ତମାନର ନରେନ୍ଦ୍ର ମୋଦିଙ୍କ ସରକାର ଜନବିକାଶ ପାଇଁ ପଣ୍ଡିତ ଦୀନଦୟାଲଙ୍କ ଦର୍ଶନ ଅନୁଯାୟୀ ଯୋଜନା ପରେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଛନ୍ତି । ଏକଦା ରାଷ୍ଟ୍ରଧର୍ମ ପତ୍ରିକାର ସଂପାଦକ ଥିବା ଦୀନଦୟାଲଙ୍କ ରାଜନୀତିକ ଓ ଆର୍ଥନୀତିକ ଦୃଷ୍ଟିକୋଣ ଥିଲା ଖୁବ୍ ତୀକ୍ଷଣ୍ । ଭାରତର ଅର୍ଥନୀତି ଏବଂ ରାଜନୀତିକୁ ସେ ନିକଟରୁ ଅଧ୍ୟୟନ କରି ଯେଉଁ ଅନୁଭବ ପାଇଥିଲେ ପରବର୍ତ୍ତୀ କାଳରେ ଦେଶର ପ୍ରକୃତ ବିକାଶ ଏକାତ୍ମ ମାନବବାଦ ଦ୍ୱାରା ହେବ ବୋଲି କହିଥିଲେ । ଏହି ଦର୍ଶନରେ ବ୍ୟକ୍ତି, ପରିବାର, ସମାଜ, ଦେଶ, ବିଶ୍ୱ ଓ ବ୍ରହ୍ମାଣ୍ଡ ସମସ୍ତେ ଏକସୂତ୍ରରେ ବନ୍ଧା ଏବଂ ପରସ୍ପରର ପରିପୂରକ ହୋଇ ରହିଛନ୍ତି । ବ୍ୟକ୍ତିର ସମାଜ ସହ,ଦେଶସହ, ବିଶ୍ୱ ଓ ବ୍ରହ୍ମାଣ୍ଡ ସହ ସଂପର୍କ ରହିଥିବା ବା ଅଂଶ ରହିଥିବା ସେ କହିଛନ୍ତି । ତେଣୁ ବ୍ୟକ୍ତିର ବିକାଶ ହେଲେ ତାହା ଯେମିତି ସମାଜର, ରାଷ୍ଟ୍ରର, ବିଶ୍ୱର ବିକାଶ ହେବ, ସେମିତି ବ୍ରହ୍ମାଣ୍ଡ ବିକାଶରେ ସହାୟକ ହେବ । ଶାସନକର୍ତ୍ତାମାନେ ସମାଜର ତଳସ୍ତରରେ ଥିବା ବ୍ୟକ୍ତିର ପରିପୂର୍ଣ୍ଣ ବିକାଶ କରିପାରିଲେ ସେ ଅନ୍ୟସବୁ ବିକାଶର ସହାୟକ ହେବ । ଭାରତପରି ଏକ ଜନବହୁଳ ରାଷ୍ଟ୍ରରେ ଗ୍ରାମୀଣ ଅର୍ଥନୀତିକୁ ସେଥିପାଇଁ ଗୁରୁତ୍ୱ ଦେବାକୁ ସେ କହୁଥିଲେ । ଦେଶର ବିକାଶ ଗ୍ରାମରୁ ଆରମ୍ଭ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରୁଥିଲେ । ଦେଶର ବିରୋଧୀ ଦଳ ଭାରତୀୟ ଜନସଂଘର ସଂଗଠନ ପାଇଁ ସାରାଦେଶରେ ଗସ୍ତ କରି ଗ୍ରାମ ଓ ଗୋ ଆଧାରିତ ଅର୍ଥନୀତି ପ୍ରସ୍ତୁତ ହେବା ଦରକାର ବୋଲି ଯୁକ୍ତି ବାଢୁଥିଲେ । କୃଷି ହିଁ ଭାରତୀୟ ଅର୍ଥନୀତିକୁ ଅଧିକ ମଜଭୁତ କରିପାରିବ ବୋଲି କହୁଥିଲେ । କୋରୋନା କାଳରେ ସବୁକିଛି ବନ୍ଦ ହେଲାବେଳେ କୃଷି ଉତ୍ପାଦନ ହିଁ ଭାରତର ଅର୍ଥନୀତିକୁ ସମୃଦ୍ଧ କରି ଧରି ରଖିଛି ବୋଲି କହିବାକୁ ହେବ । ଆଜି ବିଶ୍ୱର ଅନେକ ରାଷ୍ଟ୍ରରେ କୋରୋନା ଯୋଗୁ ଖାଦ୍ୟାନ୍ନ ଅଭାବଜନିତ ସମସ୍ୟା ଦେଖାଦେବା ବେଳେ ଭାରତରେ ଆବଶ୍ୟକଠାରୁ ଅଧିକ ଖାଦ୍ୟାନ୍ନ ରହିଛି । ଯାହାଫଳରେ ଗତବର୍ଷ ଧାନ ରପ୍ତାନୀରେ ଭାରତ ରେକର୍ଡ କରିଛି । ପଣ୍ଡିତ ଦୀନଦୟାଲ ଗ୍ରାମର ବିକାଶରେ ଦେଶର ବିକାଶ ହେବ ବୋଲି କହୁଥିଲେ । ତେଣୁ ପରିପୂର୍ଣ୍ଣମାନବ ନିର୍ମାଣ ବା ଗୁଣଯୁକ୍ତ ମଣିଷ ନିର୍ମାଣ ହେଲେ ସମାଜ ଓ ରାଷ୍ଟ୍ରର କଲ୍ୟାଣ ହେବ ବୋଲି ସେ କହୁଥିଲେ ।





ପଣ୍ଡିତ ଦୀନଦୟାଲଙ୍କ ସହ ଜନସଂଘରେ ଏକାଠି ହୋଇ କାର୍ଯ୍ୟ କରିଥିଲେ ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳବିହାରୀ ବାଜପେୟୀ । ଦୀନଦୟାଲଙ୍କ ଗ୍ରାମ ବିକାଶକୁ ସାକାର କରିବାପାଇଁ ସେ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା । ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀରେ ଭାରତର ଗ୍ରାମବିକାଶ ଯେତିକି ହୋଇନଥିଲା ଆଜି ଦୁଇଦଶନ୍ଧିରେ ଏହି ଯୋଜନା ଗ୍ରାମାଞ୍ଚଳର ରୂପକୁ ବଦଳାଇ ଦେଇଛି । ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନା ସର୍ବଶିକ୍ଷା ମାଧ୍ୟମରେ ସହଜ କରିବାକୁ ଅଟଳଜୀ ଉଦ୍ୟମ କରିଥିଲେ । ଯୋଗାଯୋଗ ବିକାଶ ପାଇଁ ଦେଶରେ ମୋବାଇଲ କ୍ରାନ୍ତି ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ତତ୍କାଳୀନ ସଞ୍ଚାର ମନ୍ତ୍ରୀ ପ୍ରମୋଦ ମହାଜନ ନିଜ ଇଚ୍ଛାକୁ ପ୍ରକାଶ କରିବାକୁ ଯାଇ କହିଥିଲେ ଯେ ଭାରତର ପ୍ରତିଟି ଭିକ୍ଷୁକ ହାତରେ ମୋବାଇଲ ପହଞ୍ଚାଇବା ହେଉଛି ପ୍ରଥମ ଲକ୍ଷ୍ୟ । ଆଜି ପ୍ରମୋଦ ମହାଜନ ତାହା ଦେଖିବାକୁ ବଞ୍ଚିନଥିଲେ ମଧ୍ୟ ତାଙ୍କ ସ୍ୱପ୍ନ ଏବଂ ସାକାର ହୋଇଛି । ୧୪୦କୋଟି ଜନସଂଖ୍ୟାରେ ୧୦୦ କୋଟି ୧୮ଲକ୍ଷ ମୋବାଇଲ ସଂଯୋଗ ରହିଛି । ସେମାନଙ୍କ ମଧ୍ୟରେ ୬୦କୋଟି ସ୍ମାର୍ଟଫୋନଧାରୀ । ସେମିତି ଭୋକମୁକ୍ତ ଭାରତ ଗଠନ ପାଇଁ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଆରମ୍ଭ କରାଗଲା ଯେଉଁଥିରେ ଖର୍ଚ୍ଚର ସିଂହଭାଗ କେନ୍ଦ୍ର ସରକାର ବହନ କଲେ । ୨୫ ଡିସେମ୍ବର ୨୦୦୦ରେ ୧୦ଲକ୍ଷ ପରିବାରକୁ ଏଥିରେ ସାମିଲ କରାଯାଇଥିଲା ଯେଉଁଥିରେ ଲାଭାର୍ଥୀ ପରିବାର ୩୫କିଗ୍ରା ଖାଦ୍ୟାନ୍ନ ଗହମ କିମ୍ବା ଚାଉଳ ଯଥାକ୍ରମେ ଦୁଇ ଏବଂ ତିନିଟଙ୍କାରେ କିଣିବାର ବ୍ୟବସ୍ଥା ଥିଲା । ଏବେ ରାଜ୍ୟ ସରକାର ଗହମ ପାଇଁ ଏକ ଟଙ୍କା ଏବଂ ଦୁଇଟଙ୍କା ବହନ କରୁଛନ୍ତି ଅବଶିଷ୍ଟ କେନ୍ଦ୍ର ସରକାର ବହନ କରୁଛନ୍ତି । ଏହାଛଡା ଦୀନଦୟାଲ ଉପାଧ୍ୟାୟ ସ୍ୱ-ସ୍ୱଦେଶୀ -ସ୍ୱାଭିମାନ ଉପରେ ଅଧିକ ଜୋର ଦେଉଥିଲେ । ଅଟଳ ଜୀ ପ୍ରବଳ ବିରୋଧ ଓ ବୈଶ୍ୱିକ ଆର୍ଥିକ କଟକଣା ସତ୍ତ୍ୱେ ଦେଶ ଓ ବିଶ୍ୱଜନତାଙ୍କ ମଧ୍ୟରେ ଭାରତର ଶକ୍ତିର ପରିଚୟ ଦେଇ ସ୍ୱାଭିମାନର ପ୍ରତିଷ୍ଠା ପାଇଁ ରାଜସ୍ଥାନର ପୋଖରାନଠାରେ ପରମାଣୁ ବୋମାର ପରୀକ୍ଷଣ ପାଇଁ ଅନୁମତି ପ୍ରଦାନ କରିଥିଲେ ।

ଅଟଳବିହାରୀ ବାଜପେୟୀ ଯେଉଁ କାର୍ଯ୍ୟସବୁ ଆରମ୍ଭ କରିଥିଲେ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରରେ ଆସିବା ପରେ ସେହିସବୁ ଯୋଜନା ଆଗକୁ ନେବା ସହ କ୍ଷେତ୍ରକୁ ବ୍ୟାପକ କରିଥିଲେ । ସେ ଶିକ୍ଷା, ଯୋଗାଯୋଗ ଏବଂ ଖାଦ୍ୟସୁରକ୍ଷା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦ୍ୱାରା ପ୍ରତି ପରିବାରକୁ ଲକ୍ଷପତି ହେବାରେ କାର୍ଯ୍ୟକଲେ । ସ୍ୱଚ୍ଛତା ପାଇଁ ପ୍ରତି ଘରେ ପାଇଖାନା, ଧୂଆଁ ମୁକ୍ତ ରୋଷେଇ ପାଇଁ ଉଜ୍ଜ୍ୱଳା ଗ୍ୟାସ ଯୋଜନା, ଗ୍ରାମର ସବୁ ଘରକୁ ବିଦ୍ୟୁତ ଆଲୋକ ସଂଯୋଗ, କୃଷକମାନଙ୍କୁ ପିଏମ୍ କିସାନ୍ ସହଯୋଗ ନିଧି, ଆର୍ଥିକ ଦୁର୍ବଳ ଲୋକଙ୍କୁ ଜନଧନ ଯୋଜନାରେ ବ୍ୟାଙ୍କ ଖାତାଯୁକ୍ତ କରି ସହାୟତା ପ୍ରଦାନ, ଶ୍ରମିକ ଓ ଋଷୀଙ୍କ ପରି ସରକାରୀ ନିଯୁକ୍ତି ନଥିବା ଲୋକଙ୍କ ପାଇଁ ଅଟଳ ପେନ୍ସନ୍ ଯୋଜନା, ଉତ୍ତମ ଚିକିତ୍ସା ସେବା ପ୍ରଦାନ କରିବାକୁ ପ୍ରଦାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆଜି କାର୍ଯ୍ୟକାରୀ ହେଲା । ଏହାଛଡା ରୋଜଗାର ଏବଂ ବାଣିଜ୍ୟବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା, ସଡକ ଯୋଗାଯୋଗ ପାଇଁ ସେତୁ ଭାରତମ୍ ଯୋଜନା, ବିଦ୍ୟୁତ ବିତରଣ ପାଇଁ ଉଦୟ ଯୋଜନା, ସରକାରଙ୍କ ସେବାଗତ ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଡିଜିଟାଲ ଇଣ୍ଡିଆ ମିଶନ, ଜୀବନ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଏବଂ ସୁରକ୍ଷା ବୀମା ଯୋଜନା, ଆଦର୍ଶ ଗ୍ରାମ ନିର୍ମାଣ ପାଇଁ ସାଂସଦ ଆଦର୍ଶ ଗ୍ରାମ ଯୋଜନା ଆଦିକୁ କାର୍ଯ୍ୟକାରୀ କରାଯାଇଛି । ସେମିତି ସ୍ୱଦେଶୀ ଶିଳ୍ପର ବିକାଶ ପାଇଁ ଆତ୍ମନିର୍ଭର ଭାରତ ସଂକଳ୍ପ ମାଧ୍ୟମରେ ମେକ୍ଇନ୍ ଇଣ୍ଡିଆକୁ ଜୋର ଦିଆଯାଇଛି । କନ୍ୟାଶିକ୍ଷା ପାଇଁ ବେଟି ବଚାଓ ବେଟି ପଢାଓ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକାରୀ କରାଯାଇଛି । ଗ୍ରାମର ସମନ୍ୱିତ ବିକାଶ ପାଇଁ ଗ୍ରାମୋଦୟରୁ ଭାରତ ଉଦୟ ଯୋଜନା କାର୍ଯ୍ୟକାରୀ ହୋଇଛି । ଏବେ ସବୁ ଘରକୁ ପାନୀୟ ଜଳଯୋଗାଣ ପାଇପ ଯୋଗେ କରିବାକୁ ନଳ ସେ ଜଳ ଯୋଜନା କାର୍ଯ୍ୟକାରୀ କରାଯିବାକୁ ଅର୍ଥବରାଦ ହୋଇଛି । ଦେଶରେ ଉନ୍ନତ ଶ୍ରମଶକ୍ତିର ବିକାଶ ପାଇଁ ସ୍କିଲ ଇଣ୍ଡିଆ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ।

ଯୁବକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଉଡାନ ଯୋଜନା କାର୍ଯ୍ୟକାରୀ ହୋଇଛି । ସେମିତି ଫସଲର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ଜଳସେଚନ ଯୋଜନା, କୃଷି ଆମଦାନୀ ବୀମା ଯୋଜନା ଚାଲୁରହିଛି । ସହରାଞ୍ଚଳ ବିକାଶ ପାଇଁ ସ୍ମାର୍ଟସିଟି, ଅମୃତ ଆଦି ଯୋଜନାକୁ ଆରମ୍ଭ କରାଯାଇଛି । ଦେଶର ବିକାଶ ସହ ବିଶ୍ୱର ବିକାଶ ପାଇଁ ଭିନ୍ନ ଭିନ୍ନ କଷ୍ଟକର ସ୍ଥିତିରେ ଖାଦ୍ୟ, ଔଷଧ, ଆର୍ଥିକ ସହାୟତା, ଜ୍ଞାନକୌଶଳ ଆଦି ବନ୍ଧୁ ରାଷ୍ଟ୍ରଗୁଡିକୁ ଯୋଗାଇ ଦେବାରେ ଭାରତ ପକ୍ଷରୁ ଏବେ ଅବହେଳା ହେଉନାହିଁ । ବିଶ୍ୱ ବ୍ରହ୍ମାଣ୍ଡର ସୁରକ୍ଷା ଦୃଷ୍ଟିରୁ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଗୋଷ୍ଠୀରେ ଭାରତ ଯୋଗଦେଇ ଏବେ ସକ୍ରୀୟତାର ସହ କାର୍ଯ୍ୟ ଜାରି ରଖିଛି । ବିଶ୍ୱର ପାଣିପାଗ ବିପର୍ଯ୍ୟୟର ଅଧ୍ୟୟନ ପାଇଁ ସହଯୋଗୀ ରାଷ୍ଟ୍ରମାନଙ୍କୁ ଭାରତୀୟ ଉପଗ୍ରହର ସେବା ସୁବିଧା ପ୍ରଦାନ କରାଯାଉଛି । ବିଦେଶ ନୀତିକୁ ସକ୍ରୀୟ ତଥା ପ୍ରଭାବଶାଳୀ କରାଯାଇଛି,ଯାହାଫଳରେ ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱର ଦୁଇଶହ ଦେଶର ମୁଖିଆଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଲାଭ କରିବା ସମ୍ଭବପର ହୋଇଛି । ବିଶ୍ୱକୁ କୁଟୁମ୍ବ ମନେ କରି ବସୁଧୈବ କୁଟୁମ୍ବକମ୍ର ଉଚ୍ଚାରଣ ବିଶ୍ୱର ଅନେକ ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦି ବାରମ୍ବାର କହି ଆସୁଛନ୍ତି । ସବ୍କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସର ମନ୍ତ୍ର ସମସ୍ତଙ୍କୁ ଶୁଣାଉଛନ୍ତି । ଦୀନଦୟାଲ କହୁଥିଲେ ସରକାର ବ୍ୟବସାୟ ନକରି ବଜାର ଓ ମୂଲ୍ୟସୂଚୀ ନିୟନ୍ତ୍ରଣ ଉପରେ ଜୋର ଦେବା ଦରକାର । ମୋଦି ଆଜି କେନ୍ଦ୍ର ସରକାରଙ୍କ ବ୍ୟବସାୟ ସଂପୃକ୍ତିକୁ ସୀମିତ କରିବାକୁ ପ୍ରୟାସ କରୁଛନ୍ତି । ଗଣତନ୍ତ୍ରର ସୁରକ୍ଷା, ଲଘୁ ଉଦ୍ୟୋଗର ବିକାଶ, ଜନମତକୁ ସମ୍ମାନ, ସମନ୍ୱୟରେ ସମୃଦ୍ଧି, ସଂଘର୍ଷ ନୁହେଁ ଶ୍ରଦ୍ଧାଭାବ, ଏକାତ୍ମବାଦୀ ସଂସ୍କୃତି, ସମାଜପାଇଁ ବଞ୍ଚିବା, ଗଙ୍ଗାନଦୀକୁ ସମ୍ମାନ, ସ୍ୱାଧ୍ୟାୟକୁ ଗୁରୁତ୍ୱ, ଜନତାଙ୍କ ଧନର ସୁରକ୍ଷା ନେଇ ଯେଉଁସବୁ କାର୍ଯ୍ୟ କରିବାକୁ ଦୀନଦୟାଲ କହୁଥିଲେ ଏବଂ ପ୍ରଧାନମନ୍ତ୍ରୀ ସେହିସବୁ ଦର୍ଶନକୁ କାର୍ଯ୍ୟରେ ପରିଣତ କରି ଭାରତକୁ ସମୃଦ୍ଧଶାଳୀ ଓ ଶକ୍ତିଶାଳୀ ଦେଶଭାବେ ଗଢି ତୋଳିବାକୁ ପ୍ରୟାସ କରୁଛନ୍ତି । ତେଣୁ ଦେଶର ସ୍ୱରୂପ ଓ ସମ୍ମାନରେ ପରିବର୍ତ୍ତନ ଆଣିବାକୁ ଦୀନଦୟାଲ ଉପାଧ୍ୟାୟ ଯେଉଁସବୁ ତତ୍ତ୍ୱ ଓ ଲକ୍ଷ୍ୟ ଆମକୁ ଦେଇ ୧୧ ଫେବୃଆରୀ ୧୯୬୮ରେ ହତ୍ୟାର ଶିକାର ହୋଇ ମହାପ୍ରୟାଣ ଲାଭ କରିଥିଲେ, ସେସବୁ ବିଷୟର ସଫଳ କ୍ରିୟାନ୍ୱୟନ ହେଲେ ଅନନ୍ତ ବିକାଶ ହେବ ଏଥିରେ ସନ୍ଦେହ ନାହିଁ ।

**ସୌମେନ୍ଦ୍ର ଜେନା**, ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ...

# ସ୍ମୃତିର ଆଇନାରେ ଡକ୍ଟର ରାଧାନାଥ ରଥ



ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ । ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ କଥା ପୋଛିଦେଲେବି ଏମିତି କିଛି ଲେଖା ରହିଯାଏ ଯାହା ସ୍ମୃତି ହୋଇଯାଏ । ଏମିତି ଏକ କାଳଜୟୀ ସ୍ମୃତିର ଅଧିକାରୀ ଥିଲେ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ ଏହି ଶତାବ୍ଦୀ ସାଧକଙ୍କର ୧୯୯୮ ମସିହା ଫେବୃଆରୀ ମାସ ୧୧ ତାରିଖରେ କଟକରେ ତିରୋଧାନ ଘଟିଥିଲା । ହେଲେ ସେ ଜୀଇଁ ରହିଛନ୍ତି ଆମ ମାନସ ପଟ୍ଟରେ ଓ ରହିଥିବେ କାଳକାଳକୁ ଏଥିରେ ସନ୍ଦେହର ଅବକାଶ ନାହିଁ । ଡକ୍ଟର ରାଧାନାଥ ରଥ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଏକାଧାରରେ ଏହି ଶତାବ୍ଦୀ ସାଧକ ଥିଲେ ସାମ୍ବାଦିକ, ସମ୍ପାଦକ, ରା[...] ପ୍ରାବନ୍ଧିକ, ସମାଲୋଚକ ଓ ସର୍ବୋ[...] ଜଗତର ଭୀଷ୍ମ ପିତାମହ ।



ଏହି ଯୋଗଜନ୍ମା ବରପୁତ୍ର ଅବିଭ[...] ଆଠଗଡରେ ପିତା ଜଗନ୍ନାଥ [...] କମଳାଦେବୀଙ୍କ ମୋଳମଣ୍ଡନ କରି [...] ଡିସେମ୍ବର ୬ ତାରିଖରେ ଜନ୍ମଗ୍ରହଣ କ[...] ଦୁଇପତ୍ରରରୁ ବାସିଲା ପରି ବାଲ୍ୟକା[...] ମେଧାବୀ ଛାତ୍ର ରୂପେ ନିଜର [...] ଦେଇଥିଲେ । ବାଲ୍ୟଶିକ୍ଷା ଗାଁ ଚାହାଳ[...] ବାଲେଶ୍ୱର ଜୁବୁଲି ସ୍କୁଲରୁ ମାଇନର [...] କଟକ କଲେଜିଏଟ୍ ହାଇସ୍କୁଲରେ [...] ଆରମ୍ଭ କରିଥିଲେ । ଏହି ସମୟରେ ତାଙ୍କର ସହପାଠୀ ଥିଲେ ଶ୍ରୀପତି ନନ୍ଦ, କାଶୀନାଥ ମିଶ୍ର ଓ ସୁଭାଷ ଚନ୍ଦ୍ର ବୋଷ । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ବି ତାଙ୍କ ପଢିବା ପାଇଁ ସୁଭାଷଙ୍କ ପିତା ଜାନକୀ ନାଥ ବୋଷ ଓ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସହଯୋଗରେ ସେ ୧୯୧୬ ମସିହାରେ ମାଟ୍ରିକ ପରୀକ୍ଷା କୃତିତ୍ୱର ସହ ପାସ୍ କଲେ । ମାତ୍ର ଉଚ୍ଚଶିକ୍ଷା ଲାଭ କରିବାର ଅଭିଳାଷ ତାଙ୍କର ସାକାର ହୋଇପାରିନଥିଲା । ଘରର ବଡପୁଅ ହୋଇଥିବାରୁ ପରିବାରର ବୋଝ ମୁଣ୍ଡାଇବା ଦାୟିତ୍ୱ ତାଙ୍କ ଉପରେ ପଡିଲା । ତେଣୁ ସେ ଚାକିରି ଖୋଜିବାରେ ଲାଗିଲେ । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ତାଙ୍କ ସାକ୍ଷାତ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଗୋପବନ୍ଧୁ ତାଙ୍କୁ ଯାହା କହିଲେ-ତୁମେ ସତ୍ୟବାଦୀ ଚାଲ । ସେଠାରେ ମୋର ଗୋଟିଏ ପ୍ରେସ୍ ଅଛି । ସେଠାରୁ କାଗଜ ପ୍ରକାଶ କରିବା । ତୁମେ ସେଠାରେ ମୋତେ ସାହାଯ୍ୟ କରିବ । ଏହାପରର ଘଟଣା ଥିଲା ଯେତିକି ଘଟଣାବହୁଳ ସେତିକି ଚର୍ଚ୍ଚିତ । ଅନ୍ୟଭାବରେ କହିଲେ ରାଧାନାଥଙ୍କ ଭଳି ବହୁମୁଖୀ ବ୍ୟକ୍ତିତ୍ୱ ଉତ୍କଳମଣିଙ୍କ ଅପୂର୍ବ ଆବିଷ୍କାର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୧୯ ମସିହା କାର୍ତ୍ତିକ ପୂର୍ଣ୍ଣିମା । ରାଧାନାଥ ସତ୍ୟବାଦୀରେ ପହଞ୍ଚିଲେ । ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ ସତ୍ୟବାଦୀ ତ୍ରିପାଠୀଙ୍କଠାରୁ ସତ୍ୟବାଦୀ ପ୍ରେସ୍ର ପରିଚାଳନା ଭାର ଗ୍ରହଣ କଲେ । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ୧୯୧୯ ମସିହା ଅକ୍ଟୋବର ୪ ତାରିଖ ଦିନ ସତ୍ୟବାଦୀ ପ୍ରେସରୁ ସାପ୍ତାହିକ 'ସମାଜ' ପ୍ରକାଶ ପାଇଲା । କିଛିଦିନ ମଧ୍ୟରେ ରାଧାନାଥଙ୍କ ମାର୍ଜିତ ବ୍ୟବହାର, ସେବା ମନୋବୃତ୍ତି ଓ କାର୍ଯ୍ୟ କୁଶଳତା ସମସ୍ତଙ୍କୁ ମୁଗ୍ଧ କରିଥିଲା । କ୍ରମେ ରାଧାନାଥ ଗୋପବନ୍ଧୁଙ୍କର ଅତି ନିକଟତର ଓ ଘନିଷ୍ଠ ହୋଇପଡିଲେ । ସମ୍ପର୍କର ଏହି ଅନ୍ତରଙ୍ଗତା ଏତେଦୂର ଗଲା ଯେ ଏଣିକି ଗୋପବନ୍ଧୁଙ୍କ ସଙ୍ଗେ ତାଙ୍କ ନାମ ଯୋଡିହୋଇଗଲା । ଲୋକେ କହିବାର ଶୁଣାଗଲା- "ଯଥା ଗୋପବନ୍ଧୁସ୍ୟ ରାଧାନାଥ" । ସମୟକ୍ରମେ ଗୋପବନ୍ଧୁଙ୍କର ଜଣେ ଜଣେ ସଖା, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର 'ସମାଜ'ର ସମ୍ପାଦକ ଦାୟିତ୍ୱରେ ରହିଲେ । ପରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଏହି କାଗଜର ସ୍ଥାୟୀ ସମ୍ପାଦକ ଭାବେ ରହିଲେ ଓ ରାଧାନାଥ ସାମୟିକ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କଲେ । ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ରାଧାନାଥ ରଥଙ୍କ ପ୍ରଗାଢ ଉଦ୍ୟମରୁ ୧୯୩୦ ମସିହା ଏପ୍ରିଲ ମାସ ୬ ତାରିଖରେ ସମାଜ ସାପ୍ତାହିକରୁ ଦୈନିକରେ ପରିଣତ ହେଲା । ଲିଙ୍ଗରାଜ ମିଶ୍ରଙ୍କ ପରେ ରାଧାନାଥ ବହୁବର୍ଷ ଧରି ସମାଜର ସମ୍ପାଦକ ରୂପେ କାର୍ଯ୍ୟ କରି ଏହାକୁ ନୂଆ ଦିଶା ଦେବାରେ ସମର୍ଥ ହୋଇଥିଲେ । ଅନ୍ୟ ଅର୍ଥରେ କହିଲେ, ଉତ୍କଳମଣି ଗୋପବନ୍ଧୁଙ୍କ ମାନସ [...] ଏକ ନିଆରା ମାନ୍ୟତା ଦେବାରେ [...]ପୂର୍ଣ୍ଣ ଭୂମିକା ଥିଲା । ଆଜିର ଦିନରେ [...]ଗଜ 'ସମାଜ'ର ସ୍ଥିତି ରାଧାନାଥଙ୍କ [...] ଫଳଶ୍ରୁତି କହିଲେ ଭୁଲ ହେବନାହିଁ । [...] ରାଜନୈତିକ ଜୀବନ ମଧ୍ୟ ବେଶ୍ [...] ୧୯୪୬ ମସିହାରୁ ୧୯୭୭ ମସିହା [...]-୬୭କୁ ଛାଡି ସମସ୍ତ ନିର୍ବାଚନରେ [...] ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ [...] ଜଣେ ଉଚ୍ଚକୋଟୀର ବ୍ୟବସ୍ଥାପକ [...] ବେଳେ ମଧ୍ୟ ଦଳୀୟ ରାଜନୀତିରୁ [...]ଧାନସଭା ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ [...]ଆଲୋଚନା କରୁଥିଲେ । ୧୯୫୨ ମସିହାରୁ ୧୯୫୭ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଅର୍ଥ ଓ ଶିକ୍ଷାମନ୍ତ୍ରୀ ଥିଲେ । ଅର୍ଥମନ୍ତ୍ରୀ ହିସାବରେ ସେ ୧୯୫୨-୫୩ ମସିହାର ବଜେଟ୍ ଆଗତ କରିଥିଲେ । ଶିକ୍ଷାର ବିକାଶ ପାଇଁ ସେହି ବଜେଟରେ ଓଡିଶାରେ ଏକ ହଜାର ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ବ୍ୟବସ୍ଥା ଥିଲା । ସେହିପରି ୧୯୫୭ ମସିହାରୁ ୧୯୬୫ ମସିହା ପର୍ଯ୍ୟନ୍ତ ଡଃ ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ଜଙ୍ଗଲ ବିଭାଗର ମନ୍ତ୍ରୀ ହେଲେ । ଓଡିଶାରେ ଚିଡିଆଖାନାର ଅଭାବ ଉପଲବ୍ଧି କରି ବାରଙ୍ଗ ନିକଟସ୍ଥ ନନ୍ଦନକାନନଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ଚିଡିଆଖାନା କଲେ ଓ ପରେ ଉଦ୍ଭିଦ ବିଜ୍ଞାନ ଉଦ୍ୟାନ କରାଯାଇ ଏହାର ପରିବେଶକୁ ଆହୁରି ସରସ ସୁନ୍ଦର କରାଯାଇଥିଲା । ଏହା ବର୍ତ୍ତମାନ ଓଡିଶାର ଜନସାଧାରଣଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ରରେ ପରିଣତ ହୋଇଛି । ୧୯୫୯ ମସିହାରେ ସେ ଓଡିଶାର ବିକାଶ ବିଭାଗ ମନ୍ତ୍ରୀ ଥିବାବେଳେ ଓଡିଶାର ସାମଗ୍ରିକ ବିକାଶ ସହ କୃଷି ଓ କୃଷିଶିକ୍ଷାର ଉନ୍ନତି ପାଇଁ ଭୁବନେଶ୍ୱରଠାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଏହି ଶତାବ୍ଦୀ ପୁରୁଷ ନିଜ ଦୀର୍ଘଜୀବନ ଅବଧି ଭିତରେ ବହୁ ପଦପଦବୀରେ ଅଧିଷ୍ଠିତ ଥିଲେ ଓ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ । ତନ୍ମଧ୍ୟରୁ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୬୭ ମସିହାରେ ସେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତଦ୍ବ୍ୟତୀତ ୧୯୬୮ ମସିହାରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଭୂଷଣ, ୧୯୭୬ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟର ଅଫ୍ ଲ, ୧୯୮୫ ମସିହାରେ ଶ୍ରେଷ୍ଠ ସାମ୍ବାଦିକ ରୂପେ ବ୍ରିଟିଶ ସର୍କଲ ଅଫ୍ ଇଣ୍ଡିଆ ପୁରସ୍କାର ଓ ୧୯୯୩ ମସିହାରେ ଉତ୍କଳ ରତ୍ନ ପୁରସ୍କାର ପାଇଥିଲେ । ଯଥାର୍ଥରେ ସେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

**ହିମାଂଶୁଶେଖର ଆଚାର୍ଯ୍ୟ**
ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨

## ଯାଜପୁର ଜିଲ୍ଲା କଂଗ୍ରେସ୍ କମିଟି ପକ୍ଷରୁ ମହାତ୍ମାଗାନ୍ଧୀଙ୍କର ତିରୋଧାନ ଦିବସ ପାଳିତ



ଯାଜପୁର (ପିଏନ୍):- ଯାଜପୁର ଜିଲ୍ଲା କଂଗ୍ରେସ୍ କମିଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ତିରୋଧାନ ଦିବସ ଜିଲ୍ଲା କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀଛକଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ରାମଧୂନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପି.ସି.ସି ସମ୍ପାଦକ ତଥା ଯାଜପୁର ବିଧାନ ସଭା କଂଗ୍ରେସ୍ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ୧୯୪୮ମସିହା ଆଜିର ଦିନରେ ମହାତ୍ମାଗାନ୍ଧୀଙ୍କୁ ଏବଂ ତାଙ୍କର ଆଦର୍ଶକୁ ଦେଶ ବିଭାଜନକାରୀ ଶକ୍ତିମାନେ ଗୁଳି କରି ହତ୍ୟା କରିଥିଲେ ଏବଂ ଗାନ୍ଧୀଙ୍କର ବିଚାର ଧାରା ଓ ଅହିଂସା ନୀତିର କଦାପି ମୃତ୍ୟୁ ହୋଇନାହିଁ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ନଗର କଂଗ୍ରେସର ସଭାପତି ନାରାୟଣ ସାମନ୍ତ ଯୋଗନେଇ ବିଶ୍ୱର ଅଗଣିତ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କର ହତ୍ୟାକୁ ଏକ କଳା ଦିବସ ବୋଲି ପ୍ରକାଶ କରିଥିଲେ । ଏହି ସଭାରେ ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ବିଭୂତି ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ଦୁର୍ଯ୍ୟୋଧନ ବେହେରା, ନକୁଳଦେବ ସାହୁ, ବିଦ୍ୟାଧର ବାରିକ, ଅରଜିତ୍ କୁମାର ନାୟକ, ବିଜୟ କୁମାର ମହାପାତ୍ର, କନକଲତା ରାଉତ, ନିତାଇଚାନ୍ଦ ମହାନ୍ତି, ନୃସିଂହ ସାହୁ, ହରିହର ସାମନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

## ମଧୁପୁର ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ଶିକ୍ଷାଭ୍ରମଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମଧୁପୁର ହାଇସ୍କୁଲର ୧୯୮୭ ବ୍ୟାଚର ଛାତ୍ରଛାତ୍ରୀମାନେ ଶିକ୍ଷାଭ୍ରମଣରେ ଆସି ପୁରାତନ ସ୍ମୃତି ସାଉଁଟି ଥିଲେ । ସାମ୍ବାଦିକ ବିନୋଦ ବିହାରୀ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ କୈଳାସ ଚନ୍ଦ୍ର ରାଉତ, ଆଦିତ୍ୟ ନନ୍ଦ, ସଂଜିବ କୁମାର ସାହୁ, ଗଗନ ଚନ୍ଦ୍ର ପାଲ, ମନୋଜ ପଣ୍ଡା, ବିଦ୍ୟୁଭୁଷଣ ସାହୁ, ମନୋରଂଜନ ସାହୁ, ଚନ୍ଦ୍ରଶେଖର ଖୁଂଟିଆ, ଦେବେନ୍ଦ୍ର ଖୁଂଟିଆ, ଅନୁସୟା ପଣ୍ଡା, ସଂଯୁକ୍ତା ସାହୁ, ଦେବଜାନୀ ପଣ୍ଡା, ନିରୁପମା ସାହୁ, ପ୍ରେମାନନ୍ଦ ସାହୁ, ହୃଷିକେଶ ସାହୁ, ଦେବେନ୍ଦ୍ର ସାହୁ, ସୂର୍ଯ୍ୟକା' ସାହୁ ଓ ମନୋଜ ଦାସ ପ୍ରମୁଖ ଯୋଗଦେଇଥିଲେ । ଧର୍ମଶାଳାର ବୌଦ୍ଧ କୀର୍ତ୍ତିରାଜି ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର ଦିବଂଗତ ପ୍ରମୋଦ କୁମାର ସାହୁ, ଅଜିତ କୁମାର ସାହୁ, ନିରଂଜନ ମହଲ, କୈଳାସ ସାହୁ ଓ ପୁରୁଷୋତମ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ।

## କୈଶରା ବେଗମଙ୍କ ପ୍ରତି ବଢୁଛି ଜନସମର୍ଥନ




ଖୋର୍ଦ୍ଧା (ପିଏନ୍): ଜିଲ୍ଲାରେ ସମୁଦାୟ ୩୦ଟି ଜିଲ୍ଲା ପରିଷଦ ଆସନ ଥିବା ବେଳେ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧିନରେ ୬ ଗୋଟି ଜିଲ୍ଲାପରିଷଦ ଆସନ ରହିଛି । ଜିଲ୍ଲା ପରିଷଦର ୨ ନମ୍ବର ଜୋନଟି ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବାଜପୁର, ନନ୍ଦପୁର, ବଙ୍ଗିଦା, କାଇପଦର, ନାଳିପଡ଼ା ଅର୍ଜୁନପୁର, ପଲ୍ଲାତୋଟାପଡ଼ା ଓ କୁରାଡମଲ୍ଲ ଗ୍ରାମପଂଚାୟତକୁ ନେଇ ଗଠିତ । ଏଥର ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ପରିଷଦର ୨ ନମ୍ବର ଜୋନର ସଂଖ୍ୟା ଲଘୁ ସମ୍ପ୍ରଦାୟର ଉଚ୍ଚଶିକ୍ଷିତା ମହିଳା କୈଶରା ବେଗମଙ୍କୁ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଭାବରେ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଁଚାଇବା ସହ ରାଜ୍ୟ ସରକାରଙ୍କ କୋଭିଡ଼ କଟକଣାକୁ ମାନି ତାଙ୍କ ସମର୍ଥକମାନଙ୍କ ସହିତ ଘରକୁ ଘର ଯାଇ ନିର୍ବାଚନ ପ୍ରଚାର ଜାରି ରଖିଛନ୍ତି । ୨ନମ୍ବର ଜୋନରୁ ଜିଲ୍ଲାପରିଷଦ ପାର୍ଥୀନୀ ଭାବରେ ସେ ନିର୍ବାଚିତ ହେଲେ ଜନସାଧାରଣଙ୍କ ମୌଳିକ ସମସ୍ୟା ଯଥା ଗମନା ଗମନର ସୁବିଧା, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି । ୨୦୧୭ ମସିହା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଖୋରଧା ଜିଲ୍ଲା ପରିଷଦର ଅଧ୍ୟକ୍ଷ ପଦବୀଟି ହରିଜନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ବେଳେ ଏଥର ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି । କୈଶରା ବେଗମ ବିଜୟୀ ହେଲେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପଦବୀ ନିମନ୍ତେ ସେ ପ୍ରମୁଖ ଦାବୀଦାର ରହିବେ ବୋଲି ଚର୍ଚ୍ଚା ହେଉଛି । ବର୍ତ୍ତମାନ ସୁଧା କୈଶରା ବେଗମ ଅନ୍ୟ ଦଳର ପ୍ରାର୍ଥୀମାନଙ୍କଠାରୁ ନିର୍ବାଚନ ପ୍ରଚାରରେ ଆଗରେ ରହିଛନ୍ତି । ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ବରିଷ୍ଠ ବିଜେଡ଼ି ନେତାମାନେ ତାଙ୍କ ପାଇଁ ପ୍ରଚାର କରୁଛନ୍ତି ।

## ଗୋହିରା ପଞ୍ଚାୟତରେ ୩ ସରପଞ୍ଚ ପ୍ରାର୍ଥୀ

ଆନନ୍ଦପୁର (ପିଏନ୍):ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଘଷିପୁରା ବ୍ଲକର ୨୫ଟି ପଞ୍ଚାୟତରେ ନିର୍ବାଚନ ମାହୋଲ ସରଗରମ ହୋଇଛି । ଏଠାରେ ଧୀରେ ଧୀରେ ରାଜନୈତିକ ଉଷ୍ମତା ବଢି ବଢି ଚାଲିଛି । ଘଷିପୁରା ବ୍ଲକର ୨୫ଟି ପଂଚାୟତରେ ମୋଟ୍ ୭୮ଜଣ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ କେତେକ ପଂଚାୟତରେ ବିଜେଡି ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦିତା ଭାବେ ବିଜେଡି ପ୍ରାର୍ଥୀ ହିଁ ଛିଡା ହୋଇଛନ୍ତି । ଗୋହିରା ପଂଚାୟତରେ ଝୁନୁଲତା ପରିଡା ବିଜେପି ସମର୍ଥୀତ ପ୍ରାର୍ଥୀ ଭାବେ ସରପଂଚ ପଦ ପାଇଁ ପ୍ରାର୍ଥୀ ହୋଇଥିବା ବେଳେ ରଶ୍ମିତା ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି । ସେହିପରି ମନ୍ଦାକିନୀ ପାତ୍ର ବିଜେଡି ସମର୍ଥୀତ ପ୍ରାର୍ଥୀ ଭାବେ ସରପଂଚ ପଦ ପାଇଁ ପ୍ରାର୍ଥୀ ହୋଇଥିବା ଜଣାପଡିଛି । ସମସ୍ତେ ନିଜ ନିଜର ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ବେଳେ ମନ୍ଦାକିନୀ ଆଗରେ ଥିବା ଦେଖିବାକୁ ମିଳିଛି । ହେଲେ ୨୦ବର୍ଷ ବିଜେଡି ଶାସନ ମଧ୍ୟରେ ବିକାଶ ଦେଖୁନଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି । ହେଲେ ବିକାଶର ମଙ୍ଗ ପଂଚାୟତବାସୀ କାହା ଉପରେ ନ୍ୟସ୍ତ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଫେବୃଆରୀ ୧୧

# ପରୀକ୍ଷାର୍ଥୀଙ୍କ ଆନ୍ଦୋଳନ କ'ଣ ଯଥାର୍ଥ ?



ଗତକାଲି ସକାଳୁ ଶାରଦାବାବୁ ଆସୁ ଆସୁ ଆରମ୍ଭ କରିଦେଲେ, ଭାଇ ଗୋଟିଏ କଥା ଶୁଣିଲେଣି ନା? ଏ ଯୋଉ ପିଲାମାନଙ୍କୁ ଆଜିକାଲି ପାରିହେବନି। କଥା କଥାକେ ଆନ୍ଦୋଳନ, ଧର୍ମଘଟ। ଆରେ ବାବୁ କୋଉ ଯୁଗରେ ଶୁଣାଥିଲା, ପିଲା ପରୀକ୍ଷା ନଦେବା ପାଇଁ ଆନ୍ଦୋଳନ କରିବା? ମୁଁ ତ' ଆଶ୍ଚର୍ଯ୍ୟ ହେଉଛି। ବାପା ମାଆ କେତେ କଷ୍ଟରେ ପଇସା ରୋଜଗାର କରି ପିଲାଙ୍କୁ ପାଠ ପଢାଉଛନ୍ତି, ସେମାନଙ୍କର କେତେ ବଡ ଆଶା, ଆମ ପିଲା ଭଲ ପାଠ ପଢି ବଡ ମଣିଷ ହେବ। ଆମର ନାଁ ରଖିବ। କିନ୍ତୁ ଏ ବାଲୁଙ୍ଗା ଦଳ କ'ଣ କରୁଛନ୍ତି, ନିଜେ ଜାଣିପାରୁନାହାନ୍ତି। ଏକା ନିଃଶ୍ୱାସରେ ଏତକ କହିବା ପରେ, ସେ ମୋ'ଠାରୁ ତାଙ୍କ ବକ୍ତବ୍ୟର ସମର୍ଥନ ଆଶା କରି ପଚାରିଲେ, ଆପଣ କ'ଣ କହୁଛନ୍ତି, କହୁନାହାନ୍ତି ! ମୁଁ କହିଲି ଦେଖନ୍ତୁ ଶାରଦାବାବୁ, ଏହା ଏକ ଅସମାହିତ ପ୍ରଶ୍ନ ! ପିଲାମାନଙ୍କର ଏ ପ୍ରକାର ମାନସିକତା, ମୋ' ମତରେ ଆଦୌ ଠିକ୍ ନୁହେଁ। କିନ୍ତୁ କମ୍ ପରିଶ୍ରମରେ, ଶ୍ରେଣୀ ଉତୀର୍ଣ୍ଣ ପ୍ରମାଣପତ୍ର ହାସଲ କରିବା ଏବେକାର ଅଧିକାଂଶ ଛାତ୍ରଛାତ୍ରୀମାନଙ୍କର ଆକାଂକ୍ଷା। ମେଧାବୀ ଛାତ୍ରଛାତ୍ରୀମାନଙ୍କ କଥା ସ୍ୱତନ୍ତ୍ର, କିନ୍ତୁ ସେମାନେ ସଂଖ୍ୟାଲଘୁ ସଂପ୍ରଦାୟ। ତା' ସାଙ୍ଗକୁ ଗତବର୍ଷ ପରୀକ୍ଷା ନଦେଇ, ମାଟ୍ରିକ ପରୀକ୍ଷାଫଳ ଆଧାରରେ, ଫଳ ପ୍ରକାଶନ ପଦ୍ଧତିଟି, ସେମାନଙ୍କର ଆଶାକୁ ବହୁଗୁଣିତ କରିଦେଇଛି। କୋଭିଡ ମହାମାରୀ ନିମନ୍ତେ, ଶ୍ରେଣୀଗୃହ ଶିକ୍ଷାଦାନରେ ସୃଷ୍ଟ ପ୍ରତିବନ୍ଧକ, ଏହାର ମୁଖ୍ୟ କାରଣମାନଙ୍କ ମଧ୍ୟରୁ ଅନ୍ୟତମ। ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା, ଏକ କାମଚଳା ରୁଗ୍‌ଣ ବ୍ୟବସ୍ଥା। ଏଥିରେ ଅନେକ ତ୍ରୁଟି ତଥା ଗ୍ରାମାଚଂଳ ପିଲାଙ୍କ ପାଇଁ ଯାନ୍ତ୍ରିକ ଅବ୍ୟବସ୍ଥା ଯୋଗୁ, ଏହା ପ୍ରାୟ ଫଳପ୍ରଦ ହୋଇପାରିନାହିଁ। ପାଠ୍ୟଖସଡାରୁ ତିରିଶ ଭାଗ ହ୍ରାସ କରି, ସତୁରି ଭାଗରୁ ପରୀକ୍ଷାରେ ପ୍ରଶ୍ନ ଆସିବାର, ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ, ପିଲାମାନେ ସେଥିରୁ କେତେ ଆୟତ କରିଛନ୍ତି, ତାହା ସର୍ବଜନବିଦିତ। ମହାମାରୀ ସଂକ୍ରମଣ କୋହଳାବସ୍ଥା ସମୟରେ, ଯେଉଁ କେତେଦିନ ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନର ବ୍ୟବସ୍ଥା କରାଗଲା, ତାହା ମଧ୍ୟ ଇଚ୍ଛାଧୀନ ବୋଲି ଘୋଷଣା କରାଗଲା। କେତେକ ମହାମାରୀ ଭୟରେ ଆଉ କେତେକ ଦୁର୍ବଳ ଛାତ୍ର ପାଠ ପ୍ରତି ଅନାଗ୍ରହ ଦୃଷ୍ଟିରୁ, ଶ୍ରେଣୀକକ୍ଷ ଶିକ୍ଷାଦାନ କାର୍ଯ୍ୟରେ ଯୋଗଦେଲେ ନାହିଁ। କୋଭିଡ ମହାମାରୀ ପ୍ରଭାବରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି, ଶିକ୍ଷା ବ୍ୟବସ୍ଥା। ଦୀର୍ଘ ଦୁଇବର୍ଷ ଧରି ଶ୍ରେଣୀଗୃହ ଶିକ୍ଷାଦାନରୁ ବଂଚିତ ଛାତ୍ରଛାତ୍ରୀମାନେ, ପ୍ରସ୍ତୁତି ଅଭାବରୁ ପରୀକ୍ଷା ଦେବା ପାଇଁ ଭୟଭୀତ ତଥା ଶିକ୍ଷା ପ୍ରତି ବିଗତସ୍ପୃହ। ତେଣୁ ମୋ' ମତରେ ପିଲାଙ୍କ ଦାବିକୁ ସହୃଦୟତାର ସହିତ ବିଚାର କରି, ତାଙ୍କୁ ବିନା ପରୀକ୍ଷାରେ ଉତୀର୍ଣ୍ଣ କରାଇଦେବା ଦରକାର। ମୋ' କଥା ଶୁଣି ଚିହିଁକି ଉଠିଲେ ଶାରଦାବାବୁ, କହିଲେ ଆପଣ ଏ କଥା କହିପାରୁଛନ୍ତି ! ମୁଁ ପଚାରିଲି ଅସୁବିଧା କ'ଣ ? ସେ କହିଲେ ଦେଖନ୍ତୁ ଭାଇ, ବିନା ପରୀକ୍ଷାରେ ପାଶ୍ କରିବା ପାଇଁ ପିଲାଙ୍କୁ ଥରେ ସୁଯୋଗ ଦେଲେ, ପ୍ରତ୍ୟେକ ବର୍ଷର ଛାତ୍ରଛାତ୍ରୀ ବାରମ୍ବାର ଏହି ଅଯଥାର୍ଥ ଦାବି ଉପସ୍ଥାପନା କରିବେ। ମୁଁ କହିଲି କାହିଁକି, କୋଭିଡ ସଂକ୍ରମଣ କମିଯିବା ପରେ, ଯଦି ନିୟମିତ ଭାବରେ ଶ୍ରେଣୀଗୃହ ଶିକ୍ଷାଦାନ ଚାଲୁରହେ, ତେବେ କେବେବି ପିଲାମାନେ ଏ ଦାବି କରିବା ପାଇଁ ଆଳ ପାଇବେ ନାହିଁ। ତା'ଛଡା ଗତବର୍ଷ ମାଟ୍ରିକ ପରୀକ୍ଷାଫଳ ଆଧାରରେ, ଫଳ ପ୍ରକାଶନ କରାଯାଇଥିଲା, କିନ୍ତୁ ଏ ବର୍ଷ ତ' ତିନୋଟି କ୍ୱାଟର ଏଣ୍ଡ ପରୀକ୍ଷା ହୋଇସାରିଛି, ତାର ଫଳାଫଳକୁ ଆଧାର କରି, ଫଳ ପ୍ରକାଶନ କଲେ, ଗତବର୍ଷଠାରୁ ଅଧିକ ସ୍ୱଚ୍ଛ ମୂଲ୍ୟାୟନ ହୋଇପାରିବ ବୋଲି ମୋର ଆଶା। ଯଦି ଏ ସ୍ୱଚ୍ଛତା ଉପରେ ମଧ୍ୟ ସନ୍ଦେହ ଉପୁଜେ, ତେବେ ଯୁକ୍ତ ତିନିର ନାମଲେଖା ଏକ ଛୋଟ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କରାଇଦେଲେ, ଧାନ ଅଗାଡି ସବୁ ଅଲଗା ହୋଇଯାଇପାରିବ। ପୂର୍ବେ ପ୍ରବେଶିକା ପରୀକ୍ଷାର ପ୍ରାପ୍ତାଙ୍କ ଆଧାରରେ ସରକାରୀ ଚାକିରୀରେ ନିଯୁକ୍ତି ପ୍ରଦାନ କରାଯାଉଥିଲା। ଏବେ ସରକାର ପରୀକ୍ଷା ପଦ୍ଧତିର ସାଧୁତା ଏବଂ ମୂଲ୍ୟାୟନର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରି, ସରକାରୀ କ୍ଷେତ୍ରରେ ପ୍ରତ୍ୟେକ ନିଯୁକ୍ତି, ଏକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କରାଉଛନ୍ତି। ତେଣୁ ଏ ପରୀକ୍ଷାର ଆବଶ୍ୟକତା କ'ଣ? ପିଲାମାନେ ତ' ଆଉ ନିଯୁକ୍ତି ପାଇଁ, ପ୍ରବେଶିକା ପରୀକ୍ଷା ନଦେବା ପାଇଁ ଆନ୍ଦୋଳନ କରିବେ ନାହିଁ। ତେଣୁ ସେମାନଙ୍କୁ ଯଦି ପାଠ୍ୟକ୍ରମ କ୍ଷେତ୍ର କରିଥିବାର ପ୍ରମାଣପତ୍ର ଦେଇ ଛାଡିଦିଆଯାଏ, ତେବେ ଅସୁବିଧା କୋଉଠି? ଆଉ ସବୁଠାରୁ ଆଶ୍ଚର୍ଯ୍ୟ କଥା କ'ଣ ଜାଣିଛନ୍ତି, ଏବେ ଯଦି କୌଣସି ପିଲା ଆଦୌ ବିଦ୍ୟାଳୟ ନଯାଇ, କୌଣସି ଅକ୍ଷର ନଚିହ୍ନି, ଲେଖିବା ଶିଖି ନଥିଲେ ମଧ୍ୟ, ସେ ପରୀକ୍ଷା ଦେଲେ କିଛି ନମ୍ବର ରଖିପାରିବ। ଏହା ସମ୍ଭବ ହେଉଛି, ମଲଟିପୁଲ୍ ଚଏସ୍ ପ୍ରଶ୍ନୋତର ପାଇଁ। ଅକ୍ଷର ପଢିବା ବା ଲେଖିବାର ଆବଶ୍ୟକତା ନାହିଁ। କେବଳ ଗୋଟିଏ ଶୂନ୍ୟ କୋଠରୀକୁ କଲମ ବା ପେନସିଲ ଦ୍ୱାରା, କଳା କରିବା ଦରକାର। ଏହା ହେଉଛି ଅଧୁନା ପ୍ରବର୍ତ୍ତିତ ଶିକ୍ଷାର ମାନ। ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀଧାରୀ ପିଲାଟିଏ, ମାତୃଭାଷାରେ ନିର୍ଭୁଲ ଭାବରେ ଦରଖାସ୍ତଟିଏ ଲେଖିବା ମଧ୍ୟ ଅସମ୍ଭବ। ସାଂପ୍ରତିକ ଶିକ୍ଷା ପଦ୍ଧତି, ପିଲାମାନଙ୍କୁ ନା ଦେଇପାରୁଛି ନିଯୁକ୍ତି, ନା କରାଇପାରୁଛି କର୍ମାଭିମୁଖୀ! ଖାଲି ଅନ୍‌ଲାଇନ ହେଉ ଅଫ୍‌ଲାଇନ ହେଉ କୋର୍ସ ସାରିଦେଇ ପରୀକ୍ଷା କରିଦେବାର ଅର୍ଥ କ'ଣ? ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନେ ବାରମ୍ବାର ଶିକ୍ଷା ପଦ୍ଧତିକୁ, ଯେତେ ପରିବର୍ତ୍ତନ ଓ ପରିମାର୍ଜିତ କଲେ କ'ଣ ହେବ? ବାସ୍ତବ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ, ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ। ଚାରିଆଡେ ହଜାର ହଜାର ବେକାରୀ, ନୈତିକତାବିହୀନ ଶିକ୍ଷା ଯୋଗୁ, ମାନବିକତାର ହ୍ରାସ, ସାମାଜିକ ସ୍ଥିତି ବିପର୍ଯ୍ୟସ୍ତ, ଜୀବନଧାରଣର ମାର୍ଗ ଅତ୍ୟନ୍ତ ଜଟିଳ। ତେଣୁ ଶିକ୍ଷା ଯଦି ଗୋଟିଏ ବ୍ୟକ୍ତିର ସାମଗ୍ରିକ ବିକାଶ କରାଇ ନପାରିଲା, ତାକୁ ଅର୍ଥ ରୋଜଗାର ନିମନ୍ତେ ନିଯୁକ୍ତି ପାଇଁ ସକ୍ଷମ କରାଇ ନପାରିଲା କିମ୍ବା ତାକୁ କର୍ମାଭିମୁଖୀ କରାଇ ନପାରିଲା, ତେବେ ସେ ଶିକ୍ଷାର ମୂଲ୍ୟ କ'ଣ, ସେ ପରୀକ୍ଷାର ମୂଲ୍ୟ କ'ଣ? ନା ଆପଣ କ'ଣ କହୁଛନ୍ତି କୁହନ୍ତୁ!

**ପ୍ରଦୀପ୍ତ ଆଚାର୍ଯ୍ୟ, ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦**

## ଆଜିର ଅନୁଚିନ୍ତା

**ହୃଦୟକୁ ଖୋଲିଦେଲେ ସବୁ ଜ୍ଞାନ ସେହିଠାରୁ ହିଁ ମିଳିଥାଏ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ବାଦଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତ-ଇସ୍ରାଏଲ ମୈତ୍ରୀର ତିନି ଦଶନ୍ଧି

ସୌମେନ୍ଦ୍ର ଜେନା



ଚଳିତ ବର୍ଷ ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିଲା ବେଳେ ଆସନ୍ତାବର୍ଷ ଇସ୍ରାଏଲ ମଧ ତାର ସ୍ୱାଧୀନତାର ୭୫ବର୍ଷ ପାଳନ କରିବ । ଇତିମଧ୍ୟରେ ଦୁଇ ଦେଶର ସ୍ୱୀକୃତ ମୈତ୍ରୀକୁ ମାତ୍ର ତିନି ଦଶନ୍ଧି ପୂରଣ ହୋଇଛି । ୨୯ ଜାନୁଆରୀ ୨୦୨୨ ଦିନ ଦୁଇ ଦେଶର ନେତୃତ୍ୱ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଦୁଇଦେଶର ମୈତ୍ରୀ ଅଧିକ ନିବିଡ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଇସ୍ରାଏଲ ନିଜର ଜ୍ଞାନକୌଶଳ, ଗବେଷଣା, ପ୍ରତିରକ୍ଷା ଉତ୍ପାଦନ, ଆଧୁନିକ କୃଷି ପ୍ରଣାଳୀରେ ଅଧିକ ଉତ୍ପାଦନ ପାଇଁ ପ୍ରତିଷ୍ଠା ଲାଭ କରିଛି । ଭାରତ ପରି ବଡ ଦେଶ ନିଜ ଦେଶର କୃଷି ଓ ଜଳସେଚନର ବିକାଶ, ଶତ୍ରୁରାଷ୍ଟ୍ରର ମୁକାବିଲା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର, ଉଚ୍ଚତର ଗବେଷଣାଗତ ଜ୍ଞାନକୌଶଳ ପାଇଁ ଇସ୍ରାଏଲ ଉପରେ ନିର୍ଭରଶୀଳ ରହିଛି । ସେମିତି ଏକକୋଟିରୁ କମ୍ ଜନସଂଖ୍ୟା ବିଶିଷ୍ଟ ଇସ୍ରାଏଲ ନିଜର ମୋଟ ପ୍ରତିରକ୍ଷା ସାମଗ୍ରୀର ୪୩ ପ୍ରତିଶତ ଭାରତକୁ ବିକ୍ରି କରି ରପ୍ତାନୀର ଏକ ନମ୍ବର ସ୍ଥାନରେ ରଖିଛି । ଅପରପକ୍ଷେ ଆବଶ୍ୟକ ବେଳେ ଖୁବ୍ କମ୍ ସମୟରେ ପ୍ରତିରକ୍ଷା ସାମଗ୍ରୀ ପାଉଥିବା ହେତୁ ବିଗତ ବର୍ଷମାନଙ୍କରେ ଭାରତ କ୍ରୟ ତାଲିକାରେ ଇସ୍ରାଏଲକୁ ପ୍ରାଧାନ୍ୟ ଦେଇଆସିଛି । ଫଳରେ ଇସ୍ରାଏଲର ଜନସଂଖ୍ୟା ଏକକୋଟି ପାଖାପାଖି ଥିଲେ ମଧ ସେମାନେ ଭାରତ ପରି ଏକ ବଡ ରାଷ୍ଟ୍ରର ଏକଶହ କୋଟିରୁ ଅଧିକ ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ପାଇପାରିଛନ୍ତି । ଭିନ୍ନ ଭିନ୍ନ ସମୟରେ ଇସ୍ରାଏଲକୁ ସମାଲୋଚନା କରିବାକୁ ସାମାଜିକ ଗଣମାଧମରେ ଉଦ୍ୟମ ହେବାବେଳେ ସଂଖ୍ୟାଧିକ ଭାରତୀୟ ଇସ୍ରାଏଲ ସମର୍ଥନରେ ବାହାରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ପାଲେଷ୍ଟାଇନର ହାମାସ୍ ଗୋଷ୍ଠୀର ଇହୁଦୀଙ୍କ ଉପରେ ଆକ୍ରମଣ ହେଉ ଅଥବା ଦୁଇଦେଶ ମଧ୍ୟରେ ସଂଘର୍ଷମୂଳକ ପରିସ୍ଥିତିରେ ଭାରତର ଲୋକେ ଇସ୍ରାଏଲକୁ ସମର୍ଥନ କରିଆସିଛନ୍ତି । ଅତୀତରେ ଇସ୍ରାଏଲ ମାଟିରୁ ବିଦେଶୀ ଆକ୍ରମଣକାରୀମାନେ ଇହୁଦୀଙ୍କୁ ଆକ୍ରମଣ କରି ତଡି ଦେବାପରେ ସେମାନେ ଯେପରି ଭାରତରେ ଶରଣ ନେଇ ସୁରକ୍ଷିତ ଭାବେ ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରିଥିଲେ ତାହା ଯେମିତି ଉଲ୍ଲେଖନୀୟ, ଠିକ୍ ସେମିତି ପ୍ରଥମ ବିଶ୍ୱଯୁଦ୍ଧ ପରେ ଇସ୍ରାଏଲକୁ ଇହୁଦୀମାନଙ୍କୁ ଦେବାପାଇଁ ବ୍ରିଟିସ ସେନାଙ୍କ ପ୍ରୟାସରେ ସଫଳତାର ମୂଳଭିତ୍ତି ପକାଇଥିଲେ ଭାରତର ରାଜସ୍ଥାନ ଏବଂ କର୍ଣ୍ଣାଟକର ଘୋଡସବାର ସେନାବାହିନୀ । ସେମାନେ ଅଦମ୍ୟ ସାହସ ଓ ବଳିଦାନ ବଳରେ ଯେପରି ତୁର୍କୀର ଅଟୋମନ ସେନାଙ୍କ ହାତରୁ ଇସ୍ରାଏଲର ବନ୍ଦର ସହର ହାଇଫାକୁ ଛଡାଇ ଆଣିବାକୁ ସକ୍ଷମ ହୋଇଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ସହ ପ୍ରତ୍ୟେକ ଇହୁଦୀ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକର ବିଷୟ ହୋଇଛି ।

ଆଧୁନିକ ଇସ୍ରାଏଲ ରାଷ୍ଟ୍ରର ଗଠନ ଭାରତର ସ୍ୱାଧୀନତାର ପରବର୍ଷ ହୋଇଥିଲେ ମଧ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ମାନ୍ୟତା ଦେବାପାଇଁ ଭାରତକୁ ପାଖାପାଖି ଚାରିଦଶନ୍ଧିରୁ ଅଧିକ ସମୟ ଲାଗିଗଲା । ଅଥଚ ସେହି ଚାଳିଶ ବର୍ଷରେ ଯେତେବେଳେ ବି ଭାରତ ଯୁଦ୍ଧ ସଙ୍କଟରେ ପଡିଛି, ଇସ୍ରାଏଲ କୂଟନୀତିକ ସ୍ୱୀକୃତି ନପାଇ ମଧ ବାରମ୍ବାର ଭାରତକୁ ଆବଶ୍ୟକ ଅସ୍ତ୍ର ଯୋଗାଇ ସହାୟତା କରିବାକୁ ଭୁଲିନାହିଁ । କିନ୍ତୁ ତତ୍‌କାଳୀନ ସରକାରମାନଙ୍କ ଆନ୍ତର୍ଜାତିକ କ୍ଷେତ୍ରରେ ଅପାରଗତା ହେଉ କିମ୍ବା ନିଜ ମନରେ ଥିବା ସଂକୀର୍ଣ୍ଣତା ଯୋଗୁ ହେଉ ସେମାନେ ଇସ୍ରାଏଲ ସହ ମୈତ୍ରୀ ସ୍ଥାପନାରୁ ଦୂରେଇ ରହିଥିଲେ । ଅର୍ଥ ଦେଇ ଲୁଚଛପାରେ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିଲେ ମଧ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ । ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧର ଶେଷ ସମୟ ଅର୍ଥାତ୍ ସୋଭିଏତ୍ ବିଭାଜନ କାଳ ପର୍ଯ୍ୟନ୍ତ ଭାରତର ବିଦେଶ ନୀତିରେ ଇସ୍ରାଏଲ ନଥିଲା । କିନ୍ତୁ ସୋଭିଏତ ରୁଷର ବିଭାଜନ ସଙ୍ଗେ ସଙ୍ଗେ ଭାରତର ନିଦ୍ରା ଭଙ୍ଗ ହେଲା । ରୁଷିଆ ଯେ ଆଉ ଅଧିକ କାଳ ଭାରତକୁ ସବୁ ସୁରକ୍ଷା ସାମଗ୍ରୀ ଯୋଗାଣ ସହ ଆନ୍ତର୍ଜାତିକ ସ୍ତରରେ ସହଯୋଗ କରିପାରିବ ନାହିଁ ସେଥିନେଇ ଭାରତର କଳ୍ପଲୋକଜନିତ ତନ୍ଦ୍ରା ତୁଟିଥିଲା । ଫଳରେ ଅସ୍ତ୍ରଶସ୍ତ୍ରର କ୍ରୟ, ଆଧୁନିକୀକରଣ, ତୁରନ୍ତ ଯୋଗାଣ ପାଇଁ ବିକଳ୍ପ ଖୋଜିବାକୁ ଯାଇ ଭାରତକୁ ୨୯ ଜାନୁଆରୀ ୧୯୯୨ରେ ଇସ୍ରାଏଲ ସହ ଆଧିକାରୀକ ସ୍ତରରେ କୂଟନୀତିକ ସଂପର୍କ ସ୍ଥାପନ କରିବାକୁ ହେଲା ।

ପି.ଭି. ନରସିଂହ ରାଓଙ୍କ ସମୟରେ ଇସ୍ରାଏଲକୁ ରାଷ୍ଟ୍ରର ମାନ୍ୟତା ଦେବା ସତ୍ତ୍ୱେ ଭାରତର ନେତୃତ୍ୱ ସେତେବେଳେ ସେତେଟା ସକାରାତ୍ମକ ନଥିଲେ । ତେଣୁ ୮ବର୍ଷ ପରେ ପ୍ରଥମ ବଡ ନେତା ଭାବେ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଜୁନ୍ ୨୦୦୦ରେ ଇସ୍ରାଏଲ ଗସ୍ତରେ ଯାଇ ତେଲଆଭିବଠାରେ ତତ୍‌କାଳୀନ ଇସ୍ରାଏଲ ରାଷ୍ଟ୍ରପତି ୱେଜ୍‌ମାନଙ୍କୁ ସାକ୍ଷାତ କରିଥିଲେ । ପାଲେଷ୍ଟାଇନ ଏବଂ ଅନ୍ୟ ମଧ୍ୟପ୍ରାଚ୍ୟର ରାଷ୍ଟ୍ର ଇସ୍ରାଏଲ ବିରୋଧରେ ଇସଲାମିକ ସନ୍ତ୍ରାସବାଦ ସୃଷ୍ଟିକଲା ପରି ଭାରତ ବିରୋଧରେ ପାକିସ୍ଥାନର ଇସଲାମିକ ସନ୍ତ୍ରାସବାଦ କିପରି କ୍ଷତି କରୁଛି ସେ ତାହା ଉତ୍‌ଥାପନ କରିଥିଲେ । ଭାରତର ରାଜନୀତିକ ଶବ୍ଦକୋଷକୁ ସୀମାପାର ଆତଙ୍କବାଦ ପରି ଶବ୍ଦ ଆଡଭାନୀ ଦେଇଥିଲେ । ଦୀର୍ଘ ଦେଢ ଦଶନ୍ଧିରୁ ଅଧିକ ସମୟ ପାଇଁ ସେ ଏହି ବିଷୟରେ ନିଜ ଦଳ ଭିତରେ ଏବଂ ସାଧାରଣରେ ଆଲୋଚନା କରିଆସୁଥିଲେ । କାର୍ଗିଲ ଯୁଦ୍ଧରୁ ଶିକ୍ଷା ପାଇବା ପରେ ଆଭ୍ୟନ୍ତରୀଣ ଏବଂ ସୀମାର ସୁରକ୍ଷା ପାଇଁ ଇଲେକ୍‌ଟ୍ରୋନିକ୍ ତାରବାଡ, ଚାଳକବିହୀନ ଡ୍ରୋନ ଆଦି ନିରୀକ୍ଷଣ କରିବା ସହ ବେନ୍ ଗୁରିଅନ ବିମାନ ବନ୍ଦର ସୁରକ୍ଷା ବ୍ୟବସ୍ଥାକୁ ବୁଲି ଦେଖିଥିଲେ । ସେ ତାଙ୍କ ଗସ୍ତ କାଳରେ ରାଷ୍ଟ୍ରପତି ଇଜେର ୱେଜମାନଙ୍କୁ ବାଦ ଦେଲେ ଗୁପ୍ତଚର ସଂସ୍ଥା ମୋସାଦର ମୁଖ୍ୟ ଇଫ୍ରେମ ହାଲେଭି ଏବଂ ସୁରକ୍ଷା ସେବା ସଂସ୍ଥା ଶାବକର ମୁଖ୍ୟ ଏଭି ଡିଚଟରଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ସେହି ସମୟରେ ଆମେରିକାର ଏକ ପ୍ରତିନିଧିଦଳ ଇସ୍ରାଏଲ ଗସ୍ତରେ ଆସି ୨୭ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି ନକରିବା ପାଇଁ ଯେଉଁ ତାଲିକା ଦେଇଥିଲେ ସେଥିରେ ଭାରତର ନାମ ରହିଥିଲା । ଆଡଭାନୀଙ୍କ ଗସ୍ତର ଗୋଟିଏ ସପ୍ତାହ ପରେ ବିଦେଶମନ୍ତ୍ରୀ ଯଶୋବନ୍ତ ସିଂହ ଇସ୍ରାଏଲ ଗସ୍ତରେ ଯାଇ ଦୁଇ ରାଷ୍ଟ୍ର ମଧ୍ୟରେ ବୈଦେଶିକ ସଂପର୍କକୁ ସୁଦୃଢ କରିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ସେତେବେଳେ ଭାରତର ଗଣମାଧ୍ୟମଗୁଡିକ ଦୁଇଦେଶ ମଧ୍ୟରେ ଏହି ବନ୍ଧୁତାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ଏବଂ ଆଡଭାନୀଙ୍କ ଗସ୍ତରୁ ଇସ୍ରାଏଲୀ ଅଧିକାରୀ ଅଧିକ ଉତ୍ସାହିତ ନଥିବା କଥା ପ୍ରକାଶ କରିଥିଲେ । ଯେହେତୁ ଗଣମାଧ୍ୟମ-ଗୁଡିକରେ ଗୁଲି କରିବାର ଏକ ପୁରୁଣା ପରମ୍ପରା ରହିଛି ଏବଂ ନିଜର ମତକୁ ରଖିବାକୁ ଜନୈକ ଅଧିକାରୀ କିମ୍ବା ଜନୈକ ପ୍ରତିରକ୍ଷା ବିଶେଷଜ୍ଞ କହିଲେ ବୋଲି ଉଲ୍ଲେଖ କରିଦେଇ ବଜାରକୁ ଛାଡିଦେବାର ବ୍ୟବସ୍ଥା ରହିଛି, ତେଣୁ ସେହି ଗସ୍ତକୁ ଗୌଣ କରିବାକୁ ଇଣ୍ଡିଆ ଟୁଡେଠାରୁ ଆରମ୍ଭ କରି ଦି ହିନ୍ଦୁ ଖବରକାଗଜ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ କରିଥିଲେ । ସେମାନଙ୍କ ନକାରାତ୍ମକ ବିବରଣୀ ଆମମାନଙ୍କ ସମ୍ମୁଖରେ ଏବେବି ରହିଛି । ଏକଥା ସତ ଯେ ଦୀର୍ଘଦିନ ଧରି ଯଥାବତ୍ ବିଦେଶନୀତିକୁ ଦେଖିଆସିଥିବା ଭାରତର ଗଣମାଧ୍ୟମଗୁଡିକ ଆଦୌ ସକ୍ରିୟ ବିଦେଶନୀତି, ପରିବର୍ତ୍ତିତ ପରିସ୍ଥିତି ଓ ନୂତନ ଆଭିମୁଖ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । କିନ୍ତୁ ଅଟଳବିହାରୀ ବାଜପେୟୀଙ୍କ ସରକାର ଏବଂ ପରେ ନରେନ୍ଦ୍ର ମୋଦିଙ୍କ ସରକାର ଦୁଇରାଷ୍ଟ୍ର ମଧ୍ୟରେ ବନ୍ଧୁତାକୁ ଭିନ୍ନ ଭିନ୍ନ ସ୍ତରକୁ ନେବାକୁ ସଫଳ ହେଲେ । ଆଉ ଏବେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଅର୍ଥନୀତିର ପ୍ରଚଳନ ପାଇଁ ଆଲୋଚନା ଜାରି ରହିଛି । ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ତତ୍‌କାଳୀନ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନଫ୍‌ତାଲି ବେନେଟଙ୍କ ସହ ଉତ୍ତମ ସଂପର୍କ ରଖିଆସିଛନ୍ତି । ନିକଟ ଅତୀତରେ ମୋଦିଙ୍କୁ ସାକ୍ଷାତକାଳରେ ନଫ୍‌ତାଲି ତାଙ୍କ ଦଳରେ ଯୋଗ ଦେବାପାଇଁ କହି ସେ ଇସ୍ରାଏଲରେ ସବୁଠୁ ଅଧିକ ଲୋକପ୍ରିୟ ନେତା ବୋଲି କହିଥିଲେ ।

ମୈତ୍ରୀ ସନ୍ଧିର ତିନି ଦଶନ୍ଧିରେ ୨୯ ଜାନୁଆରୀ ୨୦୨୨ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବକ୍ତବ୍ୟରେ ଦୁଇଦେଶର ସଂପର୍କ ସୁଦୃଢ ହୋଇଥିବା କଥା କହିଥିଲେ । ୨୮ତାରିଖ ଦିନ ଦୁଇ ଦେଶର ବିଦେଶମନ୍ତ୍ରୀଙ୍କ ଏକ ମିଳିତ ଲେଖା ଇସ୍ରାଏଲର ଏକ ଖବରକାଗଜ ଛାପିଥିଲା; ଯେଉଁଥିରେ ଦୁଇମନ୍ତ୍ରୀ ସୁରକ୍ଷା କ୍ଷେତ୍ରରେ ଅଧିକ ସହଯୋଗ ବୃଦ୍ଧିପାଇଁ ଏକମତ ହୋଇଥିଲେ । ଦୁଇଦେଶର ମୈତ୍ରୀର ତିନିଦଶନ୍ଧି ପୂର୍ତ୍ତିପାଇଁ ଏକ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେନେଟ ତାଙ୍କ ବାର୍ତ୍ତାରେ ସାଂସ୍କୃତିକ, ସାମରିକ, ଆର୍ଥିକ ସଂପର୍କକୁ ସୁଦୃଢ କରିବା ଉପରେ ଜୋର ଦେଇଛନ୍ତି । ଏହି ଅବସରରେ ଇସ୍ରାଏଲ ମରୁଭୂମିରେ ଦୁଇଦେଶର ଜାତୀୟ ପତାକା ଶୋଭା ପାଇବା ସହ ଇସ୍ରାଏଲର ମାସାଡା ଦୁର୍ଗକୁ ଆଲୋକରେ ସଜାଯାଇଥିବାର ଏକ ଭିଡିଓକୁ ଭାରତରେ ନିଯୁକ୍ତ ଇସ୍ରାଏଲ ରାଷ୍ଟ୍ରଦୂତ ନାଓର ଗିଲୋନ ଛାଡିଛନ୍ତି । ଇସ୍ରାଏଲରେ ଥିବା ଭାରତର ରାଷ୍ଟ୍ରଦୂତ ସଞ୍ଜୀବ ସିଙ୍ଗଲା ଦ୍ୱିପାକ୍ଷିକ ସମ୍ବନ୍ଧକୁ ସୁଦୃଢ କରିବା ସପକ୍ଷରେ ମତ ଦେଇଛନ୍ତି ।

ଭାରତ-ଇସ୍ରାଏଲ ମୈତ୍ରୀର ଉଷ୍ଣତା ମଧ୍ୟରେ ଆମେରିକାର ଗାତ୍ରଦାହୀ ଗଣମାଧ୍ୟମ ଦି ନିୟୁୟର୍କ ଟାଇମ୍ସ ଏଥିରେ ପ୍ରତିବନ୍ଧକ ସୃଷ୍ଟି ପାଇଁ ଠିକ୍ ଏହି ସମୟରେ ଭାରତ ୨ ବିଲିଅନ ଡଲାର ପ୍ରଦାନ କରି ଇସ୍ରାଏଲଠାରୁ ପେଗାସସ୍ ଗୋଇନ୍ଦା ସଫ୍ଟୱେର ୨୦୧୭ରେ କିଣିଥିବା ଖବର ପ୍ରକାଶ କଲାପରେ ଭାରତର ବିରୋଧୀପକ୍ଷ ନେତାମାନେ ଦୁଇଦେଶର ସଂପର୍କ ସପକ୍ଷରେ ପଦେ ନକହି ଅନେକ ବିଷୋଦ୍‌ଗାର କରିବାରେ ଲାଗିପଡିଛନ୍ତି, ବର୍ଣ୍ଣଲ ଧରି ବୁଲୁଛନ୍ତି । ଦେଶର ରାଜନେତାଙ୍କଠାରୁ ବ୍ୟବସାୟୀ, ଅଧିକାରୀଙ୍କଠାରୁ ଧର୍ମଗୁରୁଙ୍କ ପର୍ଯ୍ୟନ୍ତ ଅନେକ ଆଜି ଦୈନିକ ରାଷ୍ଟ୍ରବିରୋଧୀ ମନ୍ତବ୍ୟ ଓ ଷଡ଼ଯନ୍ତ୍ରରେ ବ୍ୟସ୍ତ ରହି ବିଦେଶୀ ବ୍ୟାଙ୍କରେ ଟଙ୍କା ରଖୁଥିଲାବେଳେ ଆଭ୍ୟନ୍ତରୀଣ ସୁରକ୍ଷା ଓ ସାଧାରଣ ଅର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକଟି ବ୍ୟକ୍ତି ଉପରେ ଚବିଶ ଘଣ୍ଟା ପାଇଁ ସତର୍କ ଓ ସନ୍ଦେହୀ ଦୃଷ୍ଟି ରଖାଯିବା ଆବଶ୍ୟକ । କୌଣସି ବ୍ୟକ୍ତି ଦେଶର ସୁରକ୍ଷାଠାରୁ ବଡ ନୁହେଁ । ନେତାମାନେ ଦେଶର ବିଧି ଓ ବ୍ୟବସ୍ଥାକୁ ନେଇ ବିଦେଶରେ ନିନ୍ଦାରଟନା କଲାବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବା ବ୍ୟବସ୍ଥା ସରକାର କରିବା ଦରକାର । ତେଣୁ ପେଗାସସ୍ ସଫ୍ଟୱେର ଦେଶର ସୁରକ୍ଷା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ । ଏହା ଦେଶ ବିରୋଧୀଙ୍କ ଗାତ୍ରଦାହ ଅନବରତ ସୃଷ୍ଟି କରିବ ସତ, କିନ୍ତୁ ସାଧାରଣଙ୍କ ସୁରକ୍ଷା, ଷଡଯନ୍ତ୍ରକାରୀଙ୍କୁ ଧରିବାରେ ବିଶେଷ ସହାୟକ ହେବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସମୟ କହିବ କିଏ ସେ ଗଣତନ୍ତ୍ରର ପୂଜାରୀ

ଗୋଲଖ ଚନ୍ଦ୍ର ଦାସ



୨୦୨୨ ନିର୍ବାଚନ ମହାଭାରତ ଆରମ୍ଭ ହେବାକୁ ଯାଉଛି । ମହାଭାରତ ସତ୍ୟ -ଅସତ୍ୟ, ନୈତିକତା-ଅନୈତିକତା ମଧ୍ୟରେ ପାର୍ଥକ୍ୟ କରିବାକୁ ଶିକ୍ଷା ଦେଇଛି । ଜନତା ଦେଶ, ସମାଜର ବିକାଶ ରଥରେ ନିଜକୁ ସାରଥି କରିବେ ନା ଅସହିଷ୍ଣୁ ଓ ହିଂସ୍ରକଙ୍କ ସାଥିରେ ଯିବେ ତାହା ସ୍ଥିର କରିବେ । ସରକାର ଜନତାଙ୍କର । ତେଣୁ ନିର୍ବାଚନ ମହାପର୍ବ ଲୋକମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି । ବିଜୟ ସେତେବେଳେ ହେବ ଯେତେବେଳେ ସତ୍ୟର ବିଜୟ ହେବ । ସଂବିଧାନର ଧାରା ୧୭୨ (୧) ଅନୁଯାୟୀ କୌଣସି ରାଜ୍ୟରେ ବିଧାନସଭାର କାର୍ଯ୍ୟକାଳ ୫ ବର୍ଷରୁ ଅଧିକ ଚାଲିପାରିବ ନାହିଁ । ଠିକ ସମୟରେ ନିର୍ବାଚନ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାର ସବୁଠାରୁ ବଡ ଅଂଶ । ଏହି କାର୍ଯ୍ୟ ନିର୍ବାଚନ କମିଶନକୁ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ୨୦୨୨ ଜାନୁଆରୀ ୮ ତାରିଖ ଦିନ ଉତରପ୍ରଦେଶ, ପଂଜାବ, ଗୋଆ, ମଣିପୁର ଓ ଉତରାଖଣ୍ଡ ସହିତ ପାଂଚଟି ରାଜ୍ୟରେ ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ଉତରପ୍ରଦେଶରେ ୭ଟି ପର୍ଯ୍ୟାୟରେ, ମଣିପୁରରେ ୨ଟି ପର୍ଯ୍ୟାୟରେ ମତଦାନ ହେବ । ବାକି ରାଜ୍ୟରେ ଗୋଟିଏ ଥରରେ ମତଦାନ କରାଯିବ । ଏହି ମତଦାନର ଫଳାଫଳ ୧୦ ମାର୍ଚ୍ଚରେ ଆସିବ । ପଂଜାବରେ ୧୧୭, ଉତରାଖଣ୍ଡରେ ୭୦, ଗୋଆରେ ୪୦ ଆସନ ପାଇଁ ୧୪ ଫେବୃଆରୀରେ ମତଦାନ ହେବ । ମଣିପୁରରେ ୬୦ ଆସନ ପାଇଁ ୨ଟି ପର୍ଯ୍ୟାୟରେ ୨୭ ଫେବୃଆରୀ ଓ ମାର୍ଚ୍ଚ ୩ରେ ମତଦାନ ହେବ । ଉତରପ୍ରଦେଶରେ ୪୦୩ ଆସନ ପାଇଁ ୭ଟି ପର୍ଯ୍ୟାୟରେ ଯଥା: ଫେବୃଆରୀ ୧୦, ୧୪, ୨୦, ୨୩, ୨୭ ତାରିଖରେ ଓ ମାର୍ଚ୍ଚ ୦୩, ୦୭ତାରିଖରେ ମତଦାନ ହେବ । ଏହିସବୁ ରାଜ୍ୟରେ ରାଜ୍ୟ ସହିତ ଜଡିତ ପ୍ରସଙ୍ଗ, ସମସ୍ୟା, ନେତୃତ୍ୱ ଓ ପ୍ରାର୍ଥୀଙ୍କୁ ଦେଖି ଭୋଟଦାତାମାନେ ମତଦାନ କରିବେ । ଏଥିସହିତ ରାଷ୍ଟ୍ରୀୟ ପ୍ରସଙ୍ଗ ମଧ୍ୟ ଭୋଟଦାତାଙ୍କ ଉପରେ ପ୍ରଭାବ ପକାଇବ ।

ପୂର୍ବରୁ ନିର୍ବାଚନ ସଂସ୍କୃତି ଥିଲା ଲୋକଙ୍କୁ ଭାଗଭାଗ କରି ଭୋଟ ସଂଗ୍ରହ କରିବା, ମିଥ୍ୟା ପ୍ରତିଶୃତି ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା, ଲୋକଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଏବଂ ଭାଇ -ଭାଇ ମଧ୍ୟରେ ଲଢେଇ କରିବା । ଏବେ ସମୟ ବଦଳିଯାଇଛି । ଲୋକମାନେ ଆଉ ମିଛ ପ୍ରତିଶୃତିରେ ବିଶ୍ୱାସ କରୁନାହାଁନ୍ତି । ନେତାମାନେ ଏବେ ସେବକ ରୂପରେ ଅବତୀର୍ଣ୍ଣ ହେଲେଣି । ପାଂଚଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ନିର୍ବାଚନ କେବଳ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହେଉନାହଁ । ଏଥିରେ ଲୋକମାନଙ୍କର ସମସ୍ୟା, ନିଯୁକ୍ତି, ବେକାରୀ ସମସ୍ୟା, ଆଇନ-କାନୁନ ବ୍ୟବସ୍ଥା, ସାମାଜିକ-ସାଂପ୍ରଦାୟିକ ସମୀକରଣ ଆଦି ପ୍ରସଙ୍ଗ ଉଙ୍କିମାରିଛି । ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ରାଜ୍ୟରେ ବର୍ତମାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ ଭାବରେ ଉଭା ହୋଇଛନ୍ତି । ଯୋଗୀ ଆଦିତ୍ୟନାଥ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ, କିନ୍ତୁ ଉତରପ୍ରଦେଶ, ପଂଜାବ, ମଣିପୁର ଏପରିକି ଗୋଆରେ ମଧ ତାଙ୍କର ବିବୃତି ଓ କାର୍ଯ୍ୟକଳାପ ଉପରେ ବ୍ୟାପକ ଆଲୋଚନା ହେଉଛି । ଜାତୀୟ ନିରାପତା ଏବଂ ଆତଙ୍କବାଦ ସବୁଆଡେ ଲୋକଙ୍କ ମଧ୍ୟରେ ବିତର୍କର ବିଷୟ ହୋଇ ରହିଛି । ଚୀନ ଏବଂ ପାକିସ୍ତାନ ସହ ସୀମାରେ ଉତେଜନା ଏବଂ ଏହିସବୁ ଘଟଣାରେ କେନ୍ଦ୍ର ସରକାରଙ୍କ ନୀତି ଉପରେ ମଧ ଲୋକମାନେ ଚର୍ଚ୍ଚା ଆଲୋଚନା କରୁଛନ୍ତି । ପଂଜାବ ସହିତ ଉତରପ୍ରଦେଶ ଏବଂ ମଣିପୁର ମଧ ସୀମାନ୍ତ ରାଜ୍ୟ ଅଟେ । ଏଠାରେ ଜାତୀୟ ସୁରକ୍ଷା ଏବଂ ପଡୋଶୀ ଦେଶ ସହିତ ସମ୍ପର୍କ ଭୋଟ ଉପରେ ପ୍ରଭାବ ପକାଇବ । କେନ୍ଦ୍ର ସରକାରଙ୍କ ନୀତି ସହିତ ଜଡିତ ଅନେକ ନୀତି ଏହି ନିର୍ବାଚନରେ ପ୍ରଭାବ ପକାଇବ । ଧାରା ୩୭୦ର ଉଚ୍ଛେଦ ଜାମ୍ମୁକାଶ୍ମୀର ସହିତ ଜଡିତ କିନ୍ତୁ ଏହାର ପ୍ରତିଧ୍ୱନୀ ନିର୍ବାଚନ ହେବାକୁ ଥିବା ପାଂଚଟି ରାଜ୍ୟରେ ଶୁଣାଯାଉଛି । ଅନେକ ଲୋକ କହୁଛନ୍ତି ଆମେ କେବେ ଜୀବନରେ ଭାବି ନଥିଲୁ ଯେ ୩୭୦ ଧାରା ଉଠାଇ ଦିଆଯିବ, ଯଦି ଦେଶହିତ ପାଇଁ ଏପରି ହୋଇପାରୁଛି ତେବେ ଆମର ଭୋଟ ସେହି ଦଳକୁ ଯିବ ଯିଏ ଏହି ୩୭୦ ଧାରାକୁ ଉଠାଇ ଦେଇଛନ୍ତି । ଏହିସବୁ ରାଜ୍ୟରେ ମୁସଲମାନ ଭୋଟରମାନେ ବୁଝିସାରିଛନ୍ତି ଧାରା ୩୭୦ କ'ଣ, ଏହା ରହିବା ଦ୍ୱାରା ଲାଭ ହେଉଥିଲା ନା ଦେଶର କ୍ଷତି ହେଉଥିଲା । କିନ୍ତୁ କିଛି ମୁସଲମାନମାନେ ଅଛନ୍ତି ଯେଉଁମାନଙ୍କୁ କିଛି ଭୁଲ ତଥ୍ୟ ବୁଝାଇ ଦିଆଯାଇଛି । ସେମାନେ ଏହି ଧାରା ଉଚ୍ଛେଦକୁ ବିରୋଧ କରୁଛନ୍ତି । ତେଣୁ ସେମାନେ ଏହି ନିର୍ବାଚନରେ ବିଜେପିକୁ ବିରୋଧ କରୁଛନ୍ତି । ପଂଜାବରେ ୩୭୦ ଧାରା ବିଷୟରେ ଅଧିକ ଚର୍ଚ୍ଚା ହେଉଛି, କାରଣ ଏହି ରାଜ୍ୟ ଜାମ୍ମୁ-କାଶ୍ମୀରର ପଡୋଶୀ ରାଜ୍ୟ । ରାଜ୍ୟ ପାଇଁ ସ୍ୱତନ୍ତ୍ର ଅଧିକାର ଦାବି କରୁଥିବା ଲୋକମାନେ ଏଠାରେ ଅଛିନ୍ତି, ସେମାନେ କହୁଛନ୍ତି ବିଜେପି ଜାମ୍ମୁ-କାଶ୍ମୀରର ବିଶେଷ ଅଧିକାରକୁ ଶେଷ କରିଦେଇଛି ଆମେ କାହିଁକି ତାକୁ ଭୋଟ ଦେବୁ । ଆପଣ ଉତରପ୍ରଦେଶ, ଗୋଆ ଏବଂ ମଣିପୁରରେ ଏହି ସମାନ କଥା ଶୁଣିବାକୁ ପାଇବେ । ୩୭୦ ଧାରା ପ୍ରସଙ୍ଗ ଅଳ୍ପବହୁତେ ଏହି ନିର୍ବାଚନକୁ ପ୍ରଭାବିତ କରିବ । ସେହିଭଳି କାଶ୍ମୀ ବିଶ୍ୱନାଥ ଧାମର ପୁନଃନିର୍ମାଣ ସବୁ ଲୋକଙ୍କ ମନରେ ରହିଛି । ବିଶେଷକରି ଏହି ପ୍ରସଙ୍ଗ ଉତରପ୍ରଦେଶରେ ବେଶୀ ଚର୍ଚ୍ଚା ଆଲୋଚନା ହେଉଛି । ଉତରାଖଣ୍ଡ, ପଂଜାବ, ଗୋଆ ଏବଂ ମଣିପୁରରେ ମଧ ଲୋକମାନେ କହୁଛନ୍ତି ଅନ୍ୟ କୌଣସି ସରକାର ଥିଲେ କାଶୀର ଏହି ଭବ୍ୟ ପରିବର୍ତନ ହୋଇନଥାନ୍ତା । ଶ୍ରୀରାମ ମନ୍ଦିର ନିର୍ମାଣ ସହିତ ଅଯୋଧାର ନବକଳେବର, ସରଜୁ ଘାଟରେ ଅନୁଷ୍ଠିତ ଦୀପାବଳି ଦୃଶ୍ୟ ସମଗ୍ର ଦେଶକୁ ପ୍ରଭାବିତ କରିଛି । ଆପଣମାନେ ଭାବୁଥିବେ ଯେ ଏହାର ପ୍ରଭାବ କେବଳ ଉତରପ୍ରଦେଶରେ ପଡିବ, ତେବେ ତାହା ଭୁଲ ଅଟେ । ମଥୁରା ପ୍ରସଙ୍ଗ ପ୍ରଥମେ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ପରେ ଯୋଗୀ ଆଦିତ୍ୟନାଥ ଉଠାଇଥିଲେ । ନିଶ୍ଚିତ ଭାବରେ ଏହାର ପ୍ରଭାବ ଉତରପ୍ରଦେଶରେ ରହିବ କିନ୍ତୁ ଏହି ପ୍ରସଙ୍ଗ ଏବେ ସମଗ୍ର ଦେଶରେ ପ୍ରତିଫଳିତ ହେଉଛି । ଗୋହତ୍ୟା ବନ୍ଦ, ଧର୍ମାନ୍ତରୀକରଣ ବନ୍ଦ ପାଇଁ ଆଇନ, ତିନି ତଲାକ ବନ୍ଦ ପାଇଁ ଆଇନ, ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ, ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଅନେକ ଏନ୍‌ଜିଓମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ଆଦି ଉତରପ୍ରଦେଶର ପ୍ରସଙ୍ଗ ହେଲେ ମଧ ଏହା ସମସ୍ତ ରାଜ୍ୟରେ ନିର୍ବାଚନ ପ୍ରସଙ୍ଗ ହୋଇ ଉଭା ହୋଇଛି । ଏହି ନିର୍ବାଚନରେ କେଉଁ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯିବ, କେଉଁ ପ୍ରସଙ୍ଗକୁ ଛାଡି ଦିଆଯିବ, ତାହା ରାଜନୈତିକ ଦଳମାନଙ୍କ ଉପରେ ନିର୍ଭର କରୁଛି । ଅନେକ ଦଳ ଅଛନ୍ତି ରାଜବଂଶ, ଜାତିବାଦ, ପାରିବାରିକତାବାଦ ଓ ସାମ୍ପ୍ରଦାୟିକତାର କଳଙ୍କରେ ପୀଡିତ । ଆଜିକାଲିର ନେତାମାନେ ନୂଆ ସ୍ଲୋଗାନ ଦେଇ ନୂଆ ରଙ୍ଗରେ ବାହାରକୁ ଆସୁଛନ୍ତି ।

ଆମେ ଉତରପ୍ରଦେଶ କଥା ବିଚାର କରିବା । ଉତରପ୍ରଦେଶର ଲୋକମାନେ ବିଗତ ସରକାରଙ୍କ ସମୟର ମାଫିଆରାଜକୁ ଭୁଲିନାହାଁନ୍ତି କି ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ଭୁଲିନାହାଁନ୍ତି । ଖଣି ମାଫିଆ, ଜମି ମାଫିଆ ଏବଂ ଅପରାଧୀମାନେ କିପରି ସମଗ୍ର ରାଜ୍ୟକୁ କାବୁ କରି ରଖିଥିଲେ ତାହା ସମଗ୍ର ଉତରପ୍ରଦେଶବାସୀ ଜାଣିଛନ୍ତି । ଯେଉଁ ସରକାର ସେହି ସମସ୍ତ ମାଫିଆ ଓ ଅପରାଧୀଙ୍କୁ ଜେଲ ପଠାଇବା ସହ ରାଜ୍ୟ ସୀମାରୁ ବାହାର କରିଦେବା ଭଳି କାମ କରିଛନ୍ତି ଲୋକେ ସେହିଭଳି ସରକାର ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଦୁର୍ନୀତି ଓ ଅପରାଧ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ । ଗୋମତୀ ରିଭର ଫ୍ରଂଟ, UTILIZATION CERTIFICATE (CSR) ସ୍କାମର କୋଟି କୋଟି ଟଙ୍କାର ଜାଲିଆତି ଓ ୨୦୧୨ରୁ ୨୦୧୪ ମଧ୍ୟରେ ୧୪ ଲକ୍ଷ ଲାପଟପ୍ କିଣାଯାଇ ମାତ୍ର ୬ ଲକ୍ଷ ବଂଟାଯାଇଛି; ଏଭଳି ଦୁର୍ନୀତିକୁ ଲୋକମାନେ ଭୁଲିନାହାଁନ୍ତି । ଏହି ନିର୍ବାଚନରେ ଜିନ୍ନାବାଦୀମାନେ ପୁଣିଥରେ ମୁଣ୍ଡ ଟେକିବାରେ ଲାଗିଛନ୍ତି । ବାଟଲା ହାଉସ ଏନକାଉଂଟର ଆତଙ୍କବାଦୀଙ୍କ ପାଇଁ ଲୁହ ଗଡାଉଥିବା ନେତାମାନେ ଏଠାରେ ଷ୍ଟାର ପ୍ରଚାରକ ସାଜିଛନ୍ତି । ଦଳିତମାନେ ହିନ୍ଦୁ ନୁହଁନ୍ତି ବୋଲି କହୁଥିବା ଭୀମଆର୍ମୀର ନେତା ଓ ବଙ୍ଗର ଦଳିତ ନେତା ଧନିକରାମ ମଣ୍ଡଳ, କୈରାନା ଓ ମୁଜଫରନଗରର ପରି ଦଙ୍ଗାର ମୁଖ୍ୟ ଆସାମୀ, ପୋଲିସକୁ ୧୫ ମିନିଟ ବନ୍ଦ କରିଦେଲେ ଆମ ଯୁବକମାନେ ଏ ଦେଶରୁ ହିନ୍ଦୁମାନଙ୍କୁ ତଡିଦେବେ ବୋଲି ଖୋଲାଖୋଲି ଆହ୍ୱାନ ଦେଉଥିବା ଦେଓବନ୍ଦର ମୌଲାନା ତଉକିର ରାଜା, ମୁସଲମାନମାନଙ୍କୁ ଈଶ୍ୱର ହିନ୍ଦୁମାନଙ୍କ ଉପରେ ଶାସନ କରିବାକୁ ପଠାଇଛନ୍ତି ବୋଲି କହୁଥିବା ହାଇଦ୍ରାବାଦର ଓବେସୀ ପରି ନେତାମାନେ ଉତରପ୍ରଦେଶବାସୀଙ୍କ ନିକଟରେ ଭୋଟ ଭିକ୍ଷା କରୁଛନ୍ତି । ଉତରପ୍ରଦେଶବାସୀମାନେ ଏମାନଙ୍କ ଚାଲ ଚରିତ୍ର ବିଷୟରେ ଅବଗତ ହେବା ସହ ସେମାନଙ୍କ କଥାକୁ ମଧ ତର୍ଜମା କରୁଛନ୍ତି । ଅନ୍ୟପଟରେ ପୂର୍ବାଚଂଳ ଏକ୍ସପ୍ରେସ, ବୁନ୍ଦେଲଖଣ୍ଡ ଏକ୍ସପ୍ରେସ, ଗୋରଖପୁର ଲିଂକ ଏକ୍ସପ୍ରେସ, ଗଙ୍ଗା ଏକ୍ସପ୍ରେସ ନିର୍ମାଣ, ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ, ରାମାୟଣ ସର୍କିଟ ନିର୍ମାଣ, ବୁଦ୍ଧ ସର୍କିଟ ନିର୍ମାଣ, କୁଶୀନଗରରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଆଦି ରାଜ୍ୟର ବିକାଶର କାମକୁ ଲୋକମାନେ ଦେଖୁଛନ୍ତି । ଆହୁରି ମଧ ଦେଖୁଛନ୍ତି ହିନ୍ଦୁତ୍ୱକୁ ବିରୋଧ କରୁଥିବା ଲୋକମାନେ ନିର୍ବାଚନ ସମୟରେ ରାମ ରାମ ଜପ କରୁଛନ୍ତି । ରୁଦ୍ରାକ୍ଷମାଳ ପିନ୍ଧୁଛନ୍ତି, ମଥାରେ ତିଳକ ଲଗାଉଛନ୍ତି, ଏଥିସହିତ ଗଙ୍ଗାରେ ମଧ ବୁଡ ପକାଉଛନ୍ତି ।

ଜୀବନ୍ତ ସମାଜ ହେଉଛି ଯେଉଁମାନେ ଭଲ କାମ କରନ୍ତି ସେମାନଙ୍କୁ ପ୍ରଶଂସା କରନ୍ତି ଏବଂ ଯେଉଁମାନେ କାମ କରନ୍ତି ନାହିଁ ସେମାନଙ୍କୁ ଘରେ ବସାଇ ଦିଅନ୍ତି । ଏବେ ଉତରପ୍ରଦେଶ ଜନତାଙ୍କ ହାତରେ ଦେଶର ଭାଗ୍ୟର ଡୋରି ବନ୍ଧା ହୋଇଛି । ଉତରପ୍ରଦେଶ ଦେଇ ଦିଲ୍ଲୀର ରାସ୍ତା । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ଯେଉଁସବୁ ପ୍ରସଙ୍ଗ ଉଠାଇଥାନ୍ତି ତାହା ଅନେକ ଲୋକଙ୍କ ମନରେ ପ୍ରଭାବ ପକାଇଥାଏ । ରାଷ୍ଟ୍ରର ସୁରକ୍ଷା, ସଂସ୍କୃତି, ସଭ୍ୟତା ଆଦି ରାଷ୍ଟ୍ରୀୟ ପ୍ରସଙ୍ଗ ଦ୍ୱାରା ସାଧାରଣ ଜନତା ଭାବ ପ୍ରବଣ ହୋଇ ପଡିଥାନ୍ତି । ପ୍ରତ୍ୟେକ ରାଜ୍ୟ ବା ଅଂଚଳ ଦେଶର ଏକ ଅଂଶ ଅଟେ । ତେଣୁ ଜାତୀୟ ନୀତି ସମସ୍ତଙ୍କୁ ପ୍ରଭାବିତ କରିଥାଏ । ବାସ୍ତବରେ ଜାତୀୟ ଓ ଆଚଂଳିକ ପ୍ରସଙ୍ଗ ମଧ୍ୟରେ ଏକ ସ୍ୱଚ୍ଛ ସୀମା ନିର୍ଦ୍ଧାରଣ କରିବା କଷ୍ଟସାଧ । ଅଧିକାଂଶ ପ୍ରସଙ୍ଗ ପରସ୍ପର ସହିତ ଜଡିତ । କିସାନ ସମ୍ମାନ ନିଧି କେନ୍ଦ୍ର ସରକାରଙ୍କ ଯୋଜନା; କିନ୍ତୁ ଏହା ଯାଉଛି ସମସ୍ତ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ । କେରଳଠାରୁ କାଶ୍ମୀର ପର୍ଯ୍ୟନ୍ତ ଲଭ୍ ଜିହାଦ ଘଟଣା ସାମ୍ନାକୁ ଆସୁଛି । କୌଣସି ରାଜ୍ୟ ଏହା ବିରୋଧରେ ଆଇନ ପ୍ରଣୟନ କଲେ କ'ଣ ହେବ ତାହା ଏବେ ଅନ୍ୟ ରାଜ୍ୟରେ ମଧ ପ୍ରସଙ୍ଗ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା କେବଳ ପଂଜାବରେ ପ୍ରସଙ୍ଗ ହୋଇ ରହିନାହିଁ ଏହା ସମସ୍ତ ରାଜ୍ୟରେ ପ୍ରସଙ୍ଗ ହୋଇଯାଇଛି । ଅଯୋଧା, କାଶୀ ଏବଂ ମଥୁରା ଉତରପ୍ରଦେଶ ସହିତ ସମଗ୍ର ବିଶ୍ୱର ହିନ୍ଦୁମାନଙ୍କ ପାଇଁ ବିଶ୍ୱାସର କେନ୍ଦ୍ର ଅଟେ । ପଂଜାବ, ଉତରାଖଣ୍ଡ, ଗୋଆ ଏବଂ ମଣିପୁରରେ ରହୁଥିବା ଲୋକମାନେ ଏଥିରୁ ନିଜକୁ ଦୂରେଇ ରଖିପାରିବେ ନାହିଁ । ଜନସଂଖ୍ୟା ଅସନ୍ତୁଳନ କ'ଣ ଗୋଟିଏ ରାଜ୍ୟର ସମସ୍ୟା ହୋଇପାରେ କି ? ରାଜନୈତିକ ଦଳମାନଙ୍କ ନିକଟରେ ଅନେକ ପ୍ରସଙ୍ଗ ରହିଛି । ଲୋକମାନଙ୍କର ଦୈନନ୍ଦିନ ଆବଶ୍ୟକତା, ସେମାନଙ୍କର ନିରାପତା, ସମ୍ମାନ ଆଦି ବିଷୟ ମହତ୍ତ୍ୱପୂର୍ଣ୍ଣ ହୋଇଥିଲେ ମଧ ରାଷ୍ଟ୍ରଭାବ ସର୍ବୋପରି । ଏ ଦେଶରେ କିଏ ମନ୍ତ୍ରୀ ହେବ କିଏ ନେତା ହେବ ସୀମା ଆରପଟେ ବସିଥିବା ଲୋକମାନେ ମଧ ସୁପାରିଶ କରୁଛନ୍ତି । ଏ ଦେଶର ରାଜନୈତିକ ଦଳର ଲିଙ୍କ ଦେଶବିରୋଧୀ ଶକ୍ତିମାନଙ୍କ ସହିତ ରହୁଛି । କିଛିଦିନ ତଳେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏ ବିଷୟରେ ପର୍ଦ୍ଦାଫାଶ କରିଛନ୍ତି । ତେଣୁ ଏବେ ସମୟ ଉପନୀତ, ସେମାନଙ୍କୁ ଜବାବ ଦେବା ପାଇଁ । ନେଡିଗୁଡ କହୁଣିକୁ ବୋହିଗଲେ ପୁଣି ପାଂଚବର୍ଷ ଅପେକ୍ଷା କରିବାକୁ ପଡିବ । ପାକିସ୍ତାନ ସପକ୍ଷବାଦୀ ଶକ୍ତିମାନେ ଚଳିତ ନିର୍ବାଚନରେ ହାତମିଳାଇ ଯେଉଁ ଲାଭ ଉଠାଇବାକୁ ଚାହୁଁଛନ୍ତି ରାଷ୍ଟ୍ରବାଦୀ ଶକ୍ତିମାନେ ସଂଗଠିତ ହୋଇ ତାହାକୁ ପ୍ରତିହତ କରିବାକୁ ପଡିବ । ୨୦୨୨ରେ ଏହା ସବୁଠାରୁ ବଡ ଆହ୍ୱାନ ଅଟେ । ଏବେ ସମସ୍ତେ କହୁଛନ୍ତି ଆମେ ଗଣତନ୍ତ୍ରର ପୂଜାରୀ, ଦିବଂଗତଙ୍କ ପୂଜାରୀ । କିଏ ସେହି ଅସଲ ପୁଜାରୀ, ତାହା ସେମାନଙ୍କୁ ଜଣାଇଦେବାକୁ ପଡିବ !

*-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା,*
*ମୋ-୯୮୬୧୦୨୮୫୫୩*




## ଦୈନିକ ପାସେଞ୍ଜର ରେଳଗାଡି ନାହିଁତ ବିଜେପିକୁ ଭୋଟ ନାହିଁ

ଖୋର୍ଦ୍ଧା, (ପିଏନ):ପାସେଞ୍ଜର ରେଳଗାଡିର ଯେଉଁ ଦୂରତା ପାଇଁ ଦୈନିକ ଯାତାୟତ ପାଇଁ ଭଡା ବାବଦକୁ ୨୦ ଟଙ୍କା ହିସାବରେ ମାସିକ ୬ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ମାସିକିଆ ସିଜିନ ଟିକେଟ କଲେ ମାତ୍ର ୯୦ ଟଙ୍କା ଭଡା ବାବଦକୁ ବାରତୀୟ ରେଳବାଇ ନେଇଥାଏ । କାରଣ ଆମ ଦେଶରେ କୋଟି କୋଟି ଶ୍ରମଜୀବୀ ସେମାନଙ୍କର ବାସସ୍ଥାନରୁ କର୍ମସ୍ଥଳୀକୁ ଯାତାୟତ ପାଇଁ ଦୈନିକ ପାସେଞ୍ଜର ରେଳଗାଡି ହେଉଛି ଏକମାତ୍ର ମାଧ୍ୟମ ।ଏହା ସହିତ ଘରୋଇକରଣ ଅର୍ଥନିତୀ ପ୍ରଚଳନ ଫଳରେ ଘରୋଇ ସଂସ୍ଥା ୫ ହଜାରରୁ ।ରମ୍ଭ କରି ୧୦ ହଜାର ଟଙ୍କା ଜଣେ ଚାକିରିଆକୁ ଦେଉଛନ୍ତି । ବ୍ୟବସାୟ ପ୍ରତିଷ୍ଠାନ,ଘରୋଇ ବିଦ୍ୟାଳୟ,ମହାବିଦ୍ୟାଳୟ ,ପ୍ରତିଷ୍ଠାନ,ଚିକିତ୍ସାଳୟ ଓ କ୍ଷୁଦ୍ର କାରଖାନା ଗୁଡିକରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କ ସହିତ ନିର୍ମାଣ କ୍ଷେତ୍ରର ବିଭିନ୍ନ କାର୍ଯ୍ୟ ଯଥା ସିମେଂଟ,କାଠ ,ପାଣି ପାଇପ,ବିଦ୍ୟୁତ,ଶ୍ରମିକ ଓ ଛାତ୍ରଛାତ୍ରୀ ମାନେ ପାସେଞ୍ଜର ରେଳଗାଡିରେ ସିଜିନ ଟିକେଟକୁ ବ୍ୟବସ୍ଥାକୁ ବ୍ୟବହାର କରିଥାନ୍ତି ।ପାସେଞ୍ଜର ରେଳଗାଡିକୁ ଆଧାର କରି ଷ୍ଟେସନ ସମ୍ମୁଖରେ ଅଟୋ ଚାଳକ,କ୍ଷୁଦ୍ର ବ୍ୟବସାୟୀ ଓ ବୁଲା ବିକାଳୀ ମାନେ ସେମାନଙ୍କ ପରିବାରକୁ ପ୍ରତିପୋଷଣ କରିଥାନ୍ତି ।୨୦୨୦ ମସିହା ଏପ୍ରିଲ ମାସରୁ କରୋନା ଭୂତାଣୁ ସଂକ୍ରମଣ ପ୍ରତିଷେଧକ ସ୍ୱରୂପ ସମସ୍ତ ପାସେଞ୍ଜର ରେଳଗାଡିକୁ ବାତିଲ କରାଯାଇଥିଲା । ଆମ ଦେଶରେ କୋଟି କୋଟି ଶ୍ରମଜୀବୀଙ୍କ ଜୀବିକା ହିଁ ଜୀବନ ।ଭୂତାଣୁ ଓ ଭୋକ ସହିତ ଲଢିବା ପାଇଁ ସରକାର କରୋନା ସଂକ୍ରମଣର ତଳମୁହାଁ ସ୍ଥିତି ଅନୁଧ୍ୟାନ କରି ଅନେକ କଟକଣା କୋହଳ କରିଛନ୍ତି । ମାତ୍ର ଏହା ଅତ୍ୟନ୍ତଚିନ୍ତା ଜନକ ବିଷୟ ଯେ ଦୈନିକ ପାସେଞ୍ଜରଙ୍କ ଲିଖିତ ଅନୁରୋଧ ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସତ୍ୱେ ଦୈନିକ ପାସେଞ୍ଜର ରେଳଗାଡି ଚଳାଚଳ କରିନାହିଁ । କିଛି ପାସେଞ୍ଜର ରେଳଗାଡିକୁ ସ୍ପେସିଆଲ ରେଳଗାଡିକୁ ଚଳାଉଛନ୍ତି ଯାହା ସବୁ ଷ୍ଟେସନ ଗୁଡିକରେ କୋଭିଡ ପୂର୍ବଭଳି ପାସେଞ୍ଜର ନେବା ଆଣିବା କରୁ ନାହିଁ ।ଅନ ଲାଇନରେ ଗୋଟିଏ ଦିନ ପୂର୍ବରୁ ତିନିଗୁଣା ଯାତ୍ରୀ ଭଡା ଦେଇ ଟିକେଟ କରିବା ଶ୍ରମଜୀବୀ ମାନଙ୍କ ପାଇଁ ଏକ ଅବାସ୍ତବ ନିଷ୍ପତି । ଠିକ ଏହି ସମୟରେ ପେଟ୍ରୋଲ ଡିଜେଲ ଦର ଆକାଶ ଛୁଆଁ ହେବା ଫଳରେ ୨ ଶହରୁ ୨ଶହ ୫୦ ଟଙ୍କା ରୋଜଗାର କରୁଥିବା ଶ୍ରମିକ ୧ ଶହ କିମ୍ବା ୧ ଶହ ୫୦ ଟଙ୍କା ବ୍ୟୟରେ ରୋଜଗାର ସ୍ଥାନକୁ ଯାଇ ପାରୁ ନାହିଁ ।ହଜାର ହଜାର ଶ୍ରମଜୀବୀ ରୋଜଗାର ହରାଇ ହା ହୁତାଶ ମଧ୍ୟରେ ରହିଛନ୍ତି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସେପ୍ଟେମ୍ବର ମାସରେ ନିରନ୍ତର ଭାବରେ ଗତ ଜାନୁୟାରୀ ୬ ତାରିଖରେ ଭୂବନେଶ୍ୱର ରେଳଷ୍ଟେସନ ପରିଦର୍ଶନ ସମୟରେ ସାକ୍ଷାତ କରି ଲିଖିତ ଅନୁରୋଧ ପତ୍ର ପ୍ରଦାନ,ଓଡିଶାର ବିଭିନ୍ନ ରେଳ ଷ୍ଟେସନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭିକ୍ଷା ପ୍ରଦର୍ଶନ ପରେ ମଧ୍ୟ ପାସେଞ୍ଜରଙ୍କ ସମସ୍ୟା ସମାଧାନ ହୋଇ ନାହିଁ ।ଆସନ୍ତା ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେପି ବିରୁଦ୍ଧରେ ଭୋଟ ଦେବା ପାଇଁ ଦୈନିକ ପାସେଞ୍ଜର ପ୍ରକାଶ କରିଛନ୍ତି ।ପଲାସା-ପାରାଦ୍ୱୀପ,ପଲାସା-ଭୁବନେଶ୍ୱର,କଟକ-ବ୍ରହ୍ମପୁର ପାସେଞ୍ଜର ରେଳଗାଡି କୋଭିଡ ପୂର୍ବଭଳି ତୁରନ୍ତଚଳାଚଳ ଦାବୀରେ ଆଜି କାଇପଦର ରେଳ ରହଣୀ ସ୍ଥଳ ସମ୍ମୁଖରେ ଭୁବନେଶ୍ୱର ଠାରୁ ବାଲୁଗାଁ ମଧ୍ୟରେ ଥିବା ବିଭିନ୍ନ ରେଳ ଷ୍ଟେସନରେ ଦୈନିକ ପାସେଞ୍ଜର ଆସୋସିଏସନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି ।ଫେଡେରେସନ ଅଫ ଦୈନିକ ପାସେଞ୍ଜର ଆସୋସିଏସନ ଖୋର୍ଦ୍ଧା ରୋଡ ଓଡିଶାର ସଭାପତି ଅର୍ଜୁନ ଚରଣ ସାମନ୍ତରାୟଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ପ୍ରଧାନ,ଭାଗିରଥି ମଙ୍ଗରାଜ,ସେକ ହୁସେନ,ବିଜୟଶ୍ରୀ ଚନ୍ଦନ ,ସ୍ମୃତି ରଞ୍ଜନ ଦାସ,ସୁରେନ୍ଦ୍ର ବେହେରା ,ସୌମ୍ୟ ରଞ୍ଜନ ହରିଚନ୍ଦନ,ପ୍ରଶାନ୍ତକୁମାର ସ୍ୱାଇଁ,ଦାଶରଥି ବାରିକ,ରବୀନ୍ଦ୍ର କୁମାର ସେନାପତି,ଗଗନ ବେହେରା,ଶୁଭେନ୍ଦୁ କୁମାର ରାଉତରାୟ,ନୀଳମଣି ମିଶ୍ର,ସତ୍ୟ ନାରାୟଣ ସାମନ୍ତସିଂହାର ପ୍ରମୁଖ ବିକ୍ଷେଭ ପ୍ରଦର୍ଶନ କରିଥିଲେ । ଆଗାମୀ ସାତଦିନ ମଧ୍ୟରେ ଓଡିଶାର ଶ୍ରମଜୀବୀ ଜନତାଙ୍କ ପାସେଞ୍ଜର ରେଳଗାଡି ଭଳି ମୌଳିକ ସମସ୍ୟାର ସମାଧାନ ନହେଲେ ଦୈନିକ ପାସେଞ୍ଜରଙ୍କ ସ୍ୱତଃପ୍ରବୃତ ଆନ୍ଦୋଳନ ପାଇଁ ରେଳ ମନ୍ତ୍ରଣାଳୟ ଦାୟୀ ରହିବ ବୋଲି ମହାସଂଘର ରାଜ୍ୟ ସଂଯୋଜକ ରାମଶଙ୍କର ପ୍ରକାଶ କରିଛନ୍ତି ।

## ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ କହିଛନ୍ତି ଆଗାମୀ ଦିନରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଦେଶର ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍ଏନ୍ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବ ଗ୍ୟାସ ପାଇପଲାଇନର ନିର୍ମାଣ କାମ ଚାଲୁଛି । ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ବିଧାୟକଙ୍କ ହସ୍ତକ୍ଷେପ ଯୋଗୁଁ ଧାନ ମଣ୍ଡି ଖୋଲିଲା

ଫୁଲନଖରା, (ପି.ଏନ): ବହୁ ପ୍ରତୀକ୍ଷିତ ଅରଡ଼ିଆପଦା ଧାନ ମଣ୍ଡି ଶେଷରେ କାର୍ଯ୍ୟକ୍ଷମ ହୋଇଛି। ଏହା ଯୋଗୁଁ ନଗରୀ ଓ ଉଷୁମା ପଞ୍ଚାୟତର ଶତାଧିକ ଚାଷୀ ଖୁସୀ ବ୍ୟକ୍ତ କରିଛନ୍ତି। ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ଅଧିନରେ ଅରଡ଼ିଆପଦା ମଣ୍ଡି ଦୀର୍ଘ ୨୨ବର୍ଷ ହେଲା ନଗରୀ ପଞ୍ଚାୟତ ଅନ୍ତର୍ଗତ ଅରଡ଼ିଆପଦା ନବମଲିକା ପୀଠରେ କାର୍ଯ୍ୟକାରୀ ହୋଇଆସୁଛି। ତେବେ ଚଳିତ ବର୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ମଣ୍ଡି ଦାୟିତ୍ୱ ଦିଆଯିବା ସମ୍ପର୍କରେ ଘୋଷଣା ହେଲାପରେ ଏହାକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରିବାରୁ ତାହା ବନ୍ଦ ରହିଲା; ଅପରପକ୍ଷରେ ନାନା ଆଳ ଦେଖାଇ ଉକ୍ତ ମଣ୍ଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମଧ୍ୟ ଉଦ୍ୟମ ହୋଇଥିଲା; ଶେଷରେ ନିଆଳି ବିଧାୟକ ଡାକ୍ତର ପ୍ରମୋଦ ମଲିକଙ୍କ ହସ୍ତକ୍ଷେପ ପରେ ତାହା ପୂର୍ବ ସ୍ଥାନରେ ଆଜିଠାରୁ ଖୋଲିଛି। ଆଜିର କାର୍ଯ୍ୟକ୍ରମରେ ଯୁଗଳକିଶୋର ସ୍ୱାଇଁ, ଅକ୍ଷୟକୁମାର ଖୁଣ୍ଟିଆ, ସୀତାଂଶୁକୁମାର ଦାଶ, ପୁନାନନ୍ଦ ମୁଦୁଲି, ବାନାମ୍ବର ମୁଦୁଲି, ବିମ୍ବାଧର ରାଉତରାୟ, ବିଚିତ୍ରକୁମାର ବେଉରା, ମଦନମୋହନ ଦାଶ, ରଘୁନାଥ ପାତ୍ର, ସୁଧିରକୁମାର ଖୁଣ୍ଟିଆ, ସମିତିର ପୂର୍ବତନ ନିର୍ଦ୍ଦେଶକ ଲଳିତକୁମାର ଦାଶ, ବାରଙ୍ଗ ବ୍ଲକ ବିଜେଡ଼ି ଉପସଭାପତି ଅଶୋକ ରଥ, ପରିଚାଳନା ନିର୍ଦ୍ଦେଶକ ପ୍ରଣୟକୁମାର ଦାଶଙ୍କ ସମେତ ଯୋଗାଣ ବିଭାଗ କର୍ମଚାରୀ ଏବଂ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନାଳିପଡ଼ା ଅର୍ଜୁନପୁର ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ସୂର୍ଯ୍ୟ ପ୍ରସାଦ ମହାନ୍ତିଙ୍କ ପ୍ରତି ବଢୁଛି ଜନ ସମର୍ଥନ

ଖୋର୍ଦ୍ଧା, (ପି.ଏନ): ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନାଳିପଡ଼ା ଅର୍ଜୁନପୁର ଗ୍ରାମପଂଚାୟତର ସରପଂଚ ପଦବୀ ନିମନ୍ତେ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଯୁବ ସମାଜ ସେବୀ ତଥା ସରପଂଚ ପ୍ରାର୍ଥୀ ସୂର୍ଯ୍ୟ ପ୍ରସାଦ ମହାନ୍ତିଙ୍କ ପ୍ରତି ଜନ ସମର୍ଥନ ଅଧିକ ଥିବା ଜଣାପଡ଼ିଛି। ଶ୍ରୀ ମହାନ୍ତି ସେ ଅଚଂଳର ଜଣେ ଜଣା ଶୁଣା ସମାଜ ସେବୀ ଭାବରେ ବେଶ ସୁନାମ ଅର୍ଜନ କରିଛନ୍ତି। ସାଧାରଣ ଲୋକଙ୍କର ସୁଖ ଦୁଃଖର ସାଥୀ ଭାବରେ ପରିଚିତ ଶ୍ରୀ ମହାନ୍ତି ରାଜନୀତିରେ ପ୍ରଥମ ଥର ନିମନ୍ତେ ପାଦ ଥାପି ଥିବା ବେଳେ ସେ ଅଂଚଳର ଜନସାଧାରଣଙ୍କର ପ୍ରୀୟ ପାତ୍ର ହୋଇ ପାରିଛନ୍ତି। ସେ ସରପଂଚ ଭାବରେ ନିର୍ବାଚିତ ହେଲେ ନାଳିପଡ଼ା ଅର୍ଜୁନପୁର ଗ୍ରାମପଂଚାୟତର ସର୍ବାଙ୍ଗୀନ ଉନ୍ନତି କରିବା ସହିତ ପଂଚାୟତବାସୀଙ୍କୁ ମୌଳିକ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ଆଲୋକି କରଣ ପ୍ରଭୃତି ସମସ୍ୟାର ସମାଧାନ କରିବା ସହିତ ଗରିବ ଶ୍ରେଣୀର ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରାଥମିକତା ଦେବେ ବୋଲି କହିଥିଲେ। ଏ ଲଢେଇ ନାଳିପଡ଼ା ଅର୍ଜୁନପୁର ଗ୍ରାମପଂଚାୟତବାସୀଙ୍କର ମୁଁ ନିମିତ ମାତ୍ର ବୋଲି କହିବା ସହିତ ଏହି ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ସେ ନିଶ୍ଚୟ ବିଜୟ ଲାଭ କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ୫ ଦିନ ପୂରୁଣୁ ମଲ୍ଲୀପଦର-ଗୋବିନ୍ଦପୁର ଆରଡି ରାସ୍ତାରୁ ଉଠିଲା ଗୋଡି,ନିମ୍ନ ମାନର ନେଇ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ମଲ୍ଲୀପଦର-ଗୋବିନ୍ଦପୁର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିର ଠାରୁ ମଲ୍ଲିପଦର ପର୍ଯ୍ୟନ୍ତ ୧୮ ଲକ୍ଷ ଟଙ୍କା ବ୍ୟୟରେ ୧.୫କିମି ପକ୍କା ରାସ୍ତା ମରାମତି କାର୍ଯ୍ୟ କରୁଥିବା ସମୟରେ ୫ ଦିନ ନପୁରୁଣୁ ପିଚୁ ଉଠି ଗୋଡି ରାସ୍ତା ଉପରେ ଗଡୁଛି ।ଯାହାକି ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲରେ ବଜୁରୀ ଦେଇ ସମତୁଲ କରି ନାମକୁ ମାତ୍ର ଲୋକ ଦେଖାଣିଆ ଭାବରେ ପ୍ରାଇମର ପ୍ରଲେପ ପିଚୁ କାର୍ଯ୍ୟ କରାଯାଇଛି । ଏହି ରାସ୍ତା ଦେଇ ଦିନ ଓ ରାତ୍ରରେ ଦୈନିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଓ ବାଙ୍କୀ ଉପଖଣ୍ଡ ସମେତ ପରିବା ବ୍ୟବସାୟୀ,ପଥଚାରୀ,ଭାରୀ ଓ ଲଘୁଯାନ ପ୍ରଭୃତି ଯାତାୟତ କରିଥାନ୍ତି ,ଫଳରେ ପିଚୁ ଉଠି ଗୋଡି ଗୁଡିକ ଗଡୁଥିବାରୁ ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।ଏ ନେଇ ସ୍ଥାନୀୟ ଗ୍ରାମବାସୀମାନେ ୫ ଟି ସଚିବ ,ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ,ମୁଖ୍ୟଯନ୍ତ୍ରୀ,ନିର୍ବାହୀଯନ୍ତ୍ରୀ,ଡିଏସପି ଭିଜିଲାନସ,ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଓ ବେଗୁନିଆ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା, (ପିଏନ)- ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମ୍ବିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗରାପୁର ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା । ଦୀର୍ଘ ୨ ମାସ ତଳେ ଗାଡି ମଡାଇ ମାରିବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରା ଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପିଡିତ ପରିବାର ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଗତ ଜୁଲାଇ ମାସରେ ପଟ୍ଟାମୁଣ୍ଡାଇ ଥାନା ଅଧିନ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁଙ୍କୁ ଏକ ପାରିବାରିକ ବିବାଦରେ ଆକ୍ରୋଷ ରଖି ଅଭିଯୁକ୍ତ ପୁତୁରା ସମ୍ବିତ୍ ସ୍ୱାଇଁ ଟଣାଓଟରା କରିବା ସହ ଅଶାଳୀନ ବ୍ୟବହାର ଦେଖାଇ ବାରୁ ବିଜୟ ଏହାର ପ୍ରତିବାଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ବିଜୟ ଓ ରଶ୍ମିତା ଲୁନାରେ ଥାନାକୁ ଆସୁଥିବା ବେଳେ ସମ୍ବିତ୍ ଗାଡି ମଡାଇ ତାଙ୍କୁ ମାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଉଦ୍ୟମରେ ବିଜୟଙ୍କ ଗୋଡ ଗାଡି ଧକ୍କାରେ ଭାଙ୍ଗି ଯିବାରୁ ସେ ଦୀର୍ଘଦିନ ଧରି ଚିକିତ୍ସାଧିନ ଥିଲେ ।

## ୪ ମାସ ହେଲା ଆଣ୍ଠୁଏ ପାଣିରେ ପଶି ଘରକୁ ଯାଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)-କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ଗୋଛାୟତ ସାହି ଓ ମାଝିସାହି ବାସିନ୍ଦା ମାନେ ନିଜ ଘରକୁ ଯିବା ପାଇଁ ଆଣ୍ଠୁଏ ପାଣିରେ ଯାତାୟତ କରୁଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ବସ୍ତି ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଏହି ସାହିକୁ ୨ ଫୁଟ ଉଚ୍ଚର ପାଣି ଜମି ରହୁଥିବାରୁ ଗ୍ରାମବାସୀ ମାନେ ବିଷାକ୍ତ ପରିବେଶ ଓ ଦୂଷିତ ଜଳରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ପାଣି ନିଷ୍କାସନ ପଥକୁ ପାଖ ବସ୍ତିର ଲୋକମାନେ ଅବରୋଧ କରି ମାଟି ପକାଇ କଚା ପାଇଖାନା କରିଥିବାରୁ ଅଳିଆ ଆବର୍ଜନା ଓ ଜଳ ନିଷ୍କାସିତ ହୋଇ ନପାରି ଗାଁ ରାସ୍ତାରେ ପଚୁ ଥିବାରୁ ପରିବେଶ ଅତ୍ୟନ୍ତ ଦୂଷିତ ହୋଇ ଯାଇଛି । କେତେକ ଗ୍ରାମବାସୀଙ୍କ ଗୋଡରେ ଘା ହେବା ସହ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପୁଛି । ଏନେଇ ଗ୍ରାମବାସୀ ମାନେ ତହସିଲଦାର ଓ ପୌରକାର୍ଯ୍ୟାଳୟ ରେ ଅଭିଯୋଗ କଲେ ମଧ ଦୀର୍ଘ ୫ ମାସ ହେଲା କେହି ଆପତି ଶୁଣୁ ନାହାନ୍ତି । ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ମାଝି, ରାମଚନ୍ଦ୍ର ଗୋଛାୟତ, ରତ୍ନାକର ମାଝି, ନାରାୟଣ ଗୋଛାୟତ, ନିର୍ମଳ ଗୋଛାୟତ, ଗୋକୁଳ ଗୋଛାୟତ ଓ କାଙ୍ଗାଳି ମାଝି ପ୍ରମୁଖ ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିକାର ଦାବି କରିଛନ୍ତି ।

## ୨୨ ନମ୍ବର ଜୋନରେ ତ୍ରିମୁଖୀ ଲଢେଇ,ବିଜେଡି ଆଗରେ

ଖୋର୍ଦ୍ଧା, (ପିଏନ): ଚଳିତ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ପାଇଁ ବେଗୁନିଆ ବ୍ଲକର ୨୨ ନମ୍ବର ଜୋନରେ ପ୍ରାର୍ଥୀ ମାନଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ଜୋରଦାର ଭାବରେ ଘରକୁ ଘର ବୁଲି ପ୍ରଚାର ଚାଲିଛି ।ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସାହୁ ,ବିଜେପିରୁ ସରୋଜ କୁମାର ମହାପାତ୍ର ଓ କଂଗ୍ରେସରୁ ମଦନ କୁମାର ସାହୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଗତ ନିର୍ବାଚନରେ ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀଙ୍କୁ ସେତେଟା ଆଖିଦୃଶିଆ ସଫଳତା ମିଳି ପାରି ନଥିବା ବେଳେ କଂଗ୍ରେସର ସହଯୋଗରେ ବିଜେପି ଜିଲ୍ଲାପରିଷଦ ପଦବୀଟି ହାତେଇଥିଲା । ତେବେ କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ବିଜେଡିରେ ଯୋଗ ଦେବା ପରେ ଦଳକୁ ମଜଭୁତ କରିବାରେ ସହାୟକ ହୋଇଛନ୍ତି ଯାହାକି ଦଳରେ ।ଏହି ୨୨ ନମ୍ବର ଜୋନରେ ରାଜନୈତିକ ମଇଦାନରେ ପୂର୍ବରୁ ସରୋଜ କୁମାର ମହାପାତ୍ର ପଙ୍ଗାରସିଂହ ପଂଚାୟତର ସରପଂଚ ଭାବେ କାର୍ଯ୍ୟ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ସାହୁ ଓ ମଦନ କୁମାର ସାହୁ ଦୁଇଟି ନବାଗତ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଛନ୍ତି । ଏହି ନିର୍ବାଚନ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିଜେଡି ଏଥିରେ ସର୍ବାଧିକ ଭୋଟରେ ବିଜୟ ଲାଭ କରିବ ବୋଲି ରାଜନୈତିକ ପରାମର୍ଶଦାତା ମାନେ କହିଛନ୍ତି ।

## ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ

ସମ୍ବଲପୁର,(ପିଏନ)- ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳର ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶାରୀରିକ ଓ ମାନିକ ସ୍ତରରେ ସୁସ୍ଥ ରଖିବା ପାଇଁ ୧୫ ଅଗଷ୍ଟରୁ ୨ ଅକ୍ଟୋବର - ୨୦୨୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଅଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗକୁ ବିଭିନ୍ନ ଦିନ ଗୁଡ଼ିକରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଅଛି ।୧୧ ସେପ୍ଟେମ୍ବର-୨୦୨୦ରେ ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରାଯାଇଥିଲା । ଏହି ରନ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ଶ୍ରୀମତୀ ମଲ୍ଲିକ, ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରଙ୍କୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ ପାତ୍ରଙ୍କୁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ରେଳବାଇ ଷ୍ଟାଡିୟମରୁ ବାହାରି ସମ୍ବଲପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ଆସିଥିଲା । ସାମାଜିକ ଦୂରତା ବଜାୟ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ଝାରସୁଗୁଡ଼ା ଜିଲ୍ଲାରେ ଶାସକ ଦଳର ନିର୍ବାଚନ ଆଚରଣ ବିଧି ଉଲଂଘନ



ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନାରେ ଝାରସୁଗୁଡ଼ାର ପ୍ରଶାସନ ବିଫଳ ହୋଇଛନ୍ତି। ନିର୍ବାଚନ ଆୟୋଗଙ୍କ ନିୟମ ମୁତାବକ କଂଗ୍ରେସ ଦଳ ଘରକୁ ଘର ଭୋଟ ପ୍ରଚାର କରୁଥିବା ବେଳେ ସ୍ଥାନୀୟ ଶାସକ ଦଳ ଶାସକ ଦଳର ମୁଷ୍ଟିମେୟ ପ୍ରଭାବଶାଳୀ ନେତାଙ୍କ ପ୍ରରୋଚାନରେ ବିଜେଡ଼ି ନେତୃବୃନ୍ଦ କଂଗ୍ରେସ ଲୋକଙ୍କୁ ଆଶାଳୀନ ଭାଷା ପ୍ରୟୋଗ କରି ଧମକ-ଚମକ ଦେଉଛନ୍ତି। ଯାହାଫଳରେ ଝାରସୁଗୁଡ଼ାର ଗ୍ରାମାଂଚଳର ନିରୀହ ଜନସାଧାରଣ ଭୟଭିତ ଅବସ୍ଥାରେ ଅଛନ୍ତି। ବିଶେଷ କରି ଝାରସୁଗୁଡ଼ାର ରାଜପୁର (କ) ଜୋନ ଏବଂ ବ୍ରଜରାଜନଗର ଜିଲ୍ଲା ପରିଷଦ ଅଂଚଳରେ ଶାସକ ଦଳର ନେତୃବୃନ୍ଦ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କ୍ରମାଗତ ଭାବେ କରିଚାଲିଛନ୍ତି। ଯାହାକୁ ଜିଲ୍ଲା ପ୍ରଶାସନ ସବୁଜାଣି ନ ଜାଣିଲା ପରି ନୀରବଦ୍ରଷ୍ଟା ସାଜିଛନ୍ତି। ଏହା ଦୁଃଖ ଓ ପରିତାପର ବିଷୟ ଅଟେ। ଏହି ଜିଲ୍ଲା ପରିଷଦ ଜୋନରେ ନିର୍ବାଚନ ଆଚରଣ ଉଲ୍ଲଙ୍ଘନ ନେଇ ପିସିସି ଉପସଭାପତି ତଥା, ନିର୍ବାଚନ କମିଟିର ଆବାହକ ଶ୍ରୀ ଯଜ୍ଞେଶ୍ୱର ବାବୁଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ଆୟୋଗ ଅଭିଯୋଗ ପତ୍ର ଗ୍ରହଣ କରି ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ ଆଚରଣ ବିଧି ଉଲଘଂନକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବାଧ ଓ ନିରପେକ୍ଷ ଭାବରେ ନିର୍ବାଚନ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ଉକ୍ତ ପ୍ରତିନିଧି ଦଳରେ ଉପସଭାପତି ଯଜ୍ଞେଶ୍ୱର ବାବୁଙ୍କ ସମେତ, ବରିଷ୍ଠ ମୁଖପାତ୍ର ଶ୍ରୀ ମନୋରନ ଦାଶ, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଏବଂ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧୀଜୀଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୭୫ତମ ମହାପ୍ରୟାଣ ଦିବସ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାମାନେ ପାନପୋଷ ସ୍ଥିତ ଗାନ୍ଧୀ ଛକଠାରେ ସମବେତ ହୋଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତିଚାରଣ ସଭା ପ୍ରାରମ୍ଭରେ ରାମଧୂନ ଗାନ କରାଯାଇଥିଲା। ରାମଧୂନ ଗାନ ପରେ ଶ୍ରୀ ସେନାପତି ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ଗାନ୍ଧୀଜୀଙ୍କର ବିଚାରଧାରାରେ ଦଳୀୟ କର୍ମୀମାନେ କିପରି ନିଷ୍ଠାର ସହିତ ତାଙ୍କ ନୀତି ଓ ଆଦର୍ଶକୁ ଅନୁକରଣ କରି ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖିଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଜି ଗାନ୍ଧୀଜୀଙ୍କ ବିଚାରଧାରାକୁ ନଷ୍ଟ କରିବା ପାଇଁ ହେଉଥିବା ରୀତିମତ ଉଦ୍ୟମ କେବେ ସଫଳ ହେବନାହିଁ ବୋଲି ଶ୍ରୀ ସେନାପତି ପ୍ରକାଶ କରି ତାଙ୍କ ପ୍ରଦର୍ଶିତ ସତ୍ୟ, ଶାଂି ଓ ଅହିଂସା ମାର୍ଗରେ କଂଗ୍ରେସ କର୍ମୀମାନେ ନିର'ର ଲୋକଙ୍କ ସେବାରେ ନିୟୋଜିତ ରହିଲେ ଗାନ୍ଧୀଜୀଙ୍କ ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି କୀର୍ତ୍ତନ ଦାସ ଓ ଉମେଶ ଶରଣ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଯୁବ କଂଗ୍ରେସ ଉପସଭାପତି ସିକନ୍ଦର ଅହମ୍ମଦ, ସାଧାରଣ ସମ୍ପାଦକ ତୁଳସୀ ନାଗ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାଁି, କଂଗ୍ରେସ ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଓ ଆର୍.ପି. ସିଂହ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁନାଥ ଦାସ, ଧୁସା ନାୟକ, ବରିଷ୍ଠ ନେତା ଭାସ୍କର ଖିଲ୍ଲାର, ରୁକସାନା ବେଗମ, ପ୍ରତିମା ପାଣିଗ୍ରାହୀ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ସିଦ୍ଧେଶ୍ୱର ମଲ୍ଲିକ, ପ୍ରତାପ ସାହୁ, ବିଜୟ ସାହୁ, ବଳବୀର ସିଂହ, ଶ୍ୟାମ ସାଗର, ଧର୍ମା ନାୟକ, ଅନୁପ ସାହୁ, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଗାନ୍ଧୀଙ୍କ ବଳିଦାନ ଦିବସ ଇତିହାସର ଅଲିଭା ଦାଗ

ଖୋର୍ଦ୍ଧା (ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପକ୍ଷରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୭୪ ତମ ବଳିଦାନ ଦିବସରେ ''ସହିଦ ଦିବସ'' ପାଳିତ ହୋଇ ଯାଇଛି। ସଭାର ପ୍ରାରମ୍ଭରେ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟଙ୍କ ସଂଯୋଜନାରେ ବାପୁଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଅତିପ୍ରିୟ ଭଜନ ବୈଷ୍ଣବ ଜନତୋ ଶ୍ରାବ୍ୟ ଉପକରଣ ମାଧ୍ୟମରେ ପରିବେଷିତ ହୋଇଥିବା ବେଳେ ପରେ ଛାତ୍ରଛାତ୍ରୀ ମାନେ ବାପୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ଗାନ କରିଥିଲେ। ଏ ନେଇ ମହାବିଦ୍ୟାଳୟର ପରିସରରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ବର୍ଷିୟାନ ସମାଜସେବୀ ଗୋପୀନାଥ ପରିଜା ମୁଖ୍ୟ ଅତିଥି,ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗାନ୍ଧୀଙ୍କ ଆଦର୍ଶ ସର୍ବକାଳୀନ ସମାଜକୁ ସର୍ବଦା ଅଭିପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପରିଜାଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡଃ ସଂଯୁକ୍ତା ମିଶ୍ର, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ଅମର ଓଝା, ସନ୍ତୋଷ କୁମାର ବୈରିଗଂଜନ,ଦୀପକ କୁମାର ଜେନା, ଅଭିଳାଷ ପଟ୍ଟନାୟକ,ଅଧ୍ୟାପିକା ଲିପିକା ପ୍ରିୟଦର୍ଶିନୀ, ରଶ୍ମିରାଣୀ ସୁବୁଦ୍ଧି,ଛବିରାଣୀ ସାହୁ ଓ ମୁଖ୍ୟ କିରାଣୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୋଭିଡ ୧୯ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦ୍ରାପଡା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସରରେ ମିଳିତ ସ୍ମୃତିଚାରଣ ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦର ମାସିକ ସାହିତ୍ୟ ଆସରରେ ମିଳିତ ସ୍ମୃତିଚାରଣ ସଭା ସ୍ଥାନୀୟ ପବ୍ଲିକ ରିଡିଂ ରୁମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ପ୍ରେମଲତା ଗିରିଙ୍କ ପୌରହିତ୍ୟରେ ପ୍ରଥମେ ପ୍ରାକ୍ତ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ସାହୁ, ସ୍ୱାଧୀନତା ସଂଗ୍ରମୀ ଅନିଳ କୁମାର ଜେନା ଓ ବରିଷ୍ଠ ସାମ୍ବାଦିକ ବ୍ରଜ କିଶୋର ସିଂହଙ୍କ ଦେହାନ୍ତରେ ମିଳିତ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ୩ଜଣ ମହାନ ବ୍ୟକ୍ତିଙ୍କ ଜୀବନ ସଂଗ୍ରାମ ଓ ସମାଜ ପ୍ରତି ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ଡଃ. ଅଭୟ କୁମାର ରାଉତ, ସତୀର୍ଥ ସଭାପତି ଅମର ପ୍ରସାଦ ରାଉତ, କବି ଶ୍ରୀଧର କୁମାର ମହାନ୍ତି, ଶରତ କୁମାର ରାଉତ, ତୃପ୍ତିମୟୀ ଜେନା, ଅଜୟ କୁମାର ପାତ୍ର, ମନୋରଞ୍ଜନ ତ୍ରିପାଠୀ, ଆଶିଷ ସେନାପତି, ନିରଞ୍ଜନ ବଳ, ଗଗନ ବିହାରୀ ସିଂହ, ରଞ୍ଜନ କୁମାର ବାଇ, ତପସ୍ୱିନୀ ପଟ୍ଟନାୟକ, କେଶବ ସେଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନିରଞ୍ଜନ ସାହୁ ସଖୀବଟର ବିକାଶ ପୁରୁଷ ଥିଲେ।ସ୍ୱାଧୀନତା ସଂଗ୍ରାମୀ ଅନିଳ କୁମାର ଜେନା ଥିଲେ ଶାନ୍ତ ଯୋଗେଶ୍ୱର ଓ ସ୍ୱର୍ଗତ ସିଂହ ଥିଲେ ନିର୍ଭିକ ସାମ୍ବାଦିକ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୟାଧର ଧଳ, ନିଗମାନନ୍ଦ ଦାସ ସ୍ମୃତିଚାରଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଗୋଲଖ କୁମାର ସେଠୀ ଆବାହନୀ ସଂଗୀତ ଗାନ କରିଥିବା ବେଳେ ମଧୁସୂଦନ ଗେରୁ ବେଦପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ପଠାଇଥିବା ବାର୍ତ୍ତାକୁ ଶରତ କୁମାର ରାଉତ ପାଠ କରିଥିଲେ।

# ସରସ୍ୱତୀଙ୍କ ବରପୁତ୍ରୀ ସ୍ୱରସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ତିରୋଧାନରେ "ମାର୍ଗଦର୍ଶୀ"ର ଶୋକସଭା





ଭୁବନେଶ୍ୱର (ପିଏନ୍): ସରସ୍ୱତୀଙ୍କ ବରପୁତ୍ରୀ ଲତା ମଙ୍ଗେସକରଙ୍କ ଆବିର୍ଭାବ ହେବା ପରଠୁ ଦୀର୍ଘ ସତୁରୀ ଦଶନ୍ଧି ଧରି ନିଜ କୋକିଳ କଣ୍ଠରେ ବାନ୍ଧି ରଖିଥିଲେ ସମଗ୍ର ଶ୍ରୋତାଙ୍କୁ। ତାଙ୍କ ସାଧନା ଆଗରେ ବୟସ କେଭେ ବାଧକ ସାଜିପାରିନି ବୋଲି ମତବ୍ୟକ୍ତ କରିଥିଲେ ରାଜନୀତି ବିଜ୍ଞାନର ଅଧ୍ୟାପକ ଡକ୍ଟର ଶରତ କୁମାର ଦୋରା। ଆଜି ସମ୍ବାଦଭିତିକ ପତ୍ରିକା "ମାର୍ଗଦର୍ଶୀ" ଆନୁକୂଲ୍ୟରେ ସ୍ଥାନୀୟ କାର୍ଯ୍ୟାଳୟରେ ସମ୍ପାଦକ ଉମାଶଙ୍କର ପ୍ରସାଦଙ୍କ ଆବାହକତ୍ୱରେ ଏକ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଡକ୍ଟର ଦୋରା। ଆଇନଜୀବୀ ସତ୍ୟରଞ୍ଜନ ଲାଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ- "Music is the inseparable accompaniments human life." ସଙ୍ଗୀତକୁ କେଭେ ମଣିଷ ଜୀବନରୁ ଅଲଗା କରାଯାଇପାରିବନି। କୋକିଳକଣ୍ଠୀ ଲତାଙ୍କ କଣ୍ଠରେ ଏପରି କ'ଣ ଯାଦୁକରି ଥିଲା ଯେ ତାଙ୍କର ସ୍ୱରତନ୍ତ୍ରୀକୁ ଆମେରିକୀୟ କମ୍ପାନୀ ତାଙ୍କର ଦେହାବସାନ ପରେ ଗବେଷଣା କରିବାକୁ ଆଗ୍ରହ ପ୍ରକାଶ କରିଥିଲା। ତାଙ୍କର ସଙ୍ଗୀତ ଯେତେଦିନ ଥିବ ସେତେଦିନ କାଳଜୟୀ ରହିବେ ଲତା ମଙ୍ଗେସକର। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ଅର୍ଜୁନ ବାରିକ, ସାମ୍ବାଦିକ ପ୍ରଭାତ ମିଶ୍ର, ସକାଳର ଜିଲ୍ଲା ପ୍ରତିନିଧି ରଣଜିତ ସାମନ୍ତରାୟ, ଧରିତ୍ରୀର ଜିଲ୍ଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ, ସମାଜର ପ୍ରତିନିଧି ରାମନାରାୟଣ ଦାସ, କ୍ରାନ୍ତିଧାରାର ଜିଲ୍ଲା ପ୍ରତିନିଧି ପ୍ରଦୀପ ବେହେରା, ସମାଜସେବୀ ସନ୍ତୋଷ ରଥ, ପଦ୍ମିନୀ ଆଚାର୍ଯ୍ୟ ଓ ନିରଂଜନ ଜେନା ପ୍ରମୁଖ ଯୋଗଦେଇ ଲତାଙ୍କ ସ୍ମୃତିଚାରଣ କରିଥିଲେ। ଅନୁରୂପ ଭାବେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ସ୍ୱରସାମ୍ରାଜ୍ଞୀ ଲତାଙ୍କ ବିୟୋଗରେ ସ୍ଥାନୀୟ କାର୍ଯ୍ୟାଳୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ଉମାଶଙ୍କର ପ୍ରସାଦ କହିଥିଲେ, ଲତାଜୀଙ୍କ ସଙ୍ଗୀତର ଯାଦୁକରୀ ସମସ୍ତଙ୍କୁ ବିମୋହିତ କରିଥିଲା ଏବଂ ଯେତେଦିନ ତାଙ୍କର ସଙ୍ଗୀତ ଜୀବିତ ଥିବ ସେତେଦିନ ଲତାଜୀ ସମସ୍ତଙ୍କ ହୃଦୟରେ ମରି ମଧ୍ୟ ଅମର ହୋଇ ରହିଥିବେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ, ରାମନାରାୟଣ ଦାସ, ରଣଜିତ ସାମନ୍ତରାୟ, ପ୍ରଦୀପ ବେହେରା, ଶରତ ବାରିକ, ସତ୍ୟ ପାଇକରାୟ, ସୁକାନ୍ତ ସାହୁ, କାଳନ୍ଦୀ ବ୍ରହ୍ମା ପ୍ରମୁଖ ଯୋଗଦେଇ ଲତାଙ୍କ ସ୍ମୃତିଚାରଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଗଣ୍ଡରପୁର ଗ୍ରାମରେ ବିଜେଡିର ଜୋରଦାର ପ୍ରଚାର

ଭୁବନେଶ୍ୱର (ପିଏନ୍)-ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ପ୍ରଚାର ଆରମ୍ଭ ହୋଇଯାଇଛି। ଭୋଟ ହାତେଇବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ମୁଦା ନେଇ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ଏହି କ୍ରମରେ ବେଜେଡି ବହୁ ଆଗରେ ରହିଛି। ନବୀନ ପଟ୍ଟନାୟକଙ୍କ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନାକୁ ନେଇ ପ୍ରାର୍ଥୀମାନେ ଘରଘର ବୁଲି ଲୋକଙ୍କ ପାଖରେ ପହଞ୍ଚାଇ ବିପୁଳ ସମର୍ଥନ ହାତଉଛନ୍ତି। ଉତ୍ତର ନିର୍ବାଚନ ମଣ୍ଡଳୀର ଖୋର୍ଦ୍ଧା ଜିଲ୍ଲା ପରିଷଦ ୩୦ ନମ୍ବର ଜୋନର ବିଜେଡି ପ୍ରାର୍ଥୀନୀ ବବିତା ରାଉତ ଦଳୀୟ କର୍ମୀଙ୍କ ସହ କଲ୍ୟାଣପୁର ପଞ୍ଚାୟତର ଗଣ୍ଡରପୁର ଗ୍ରାମରେ ଘରଘର ବୁଲି ସରକାରଙ୍କ ଜନହିତକର ଯୋଜନା ସମ୍ବନ୍ଧରେ କହିବା ସହିତ ପ୍ରଚାର ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡିଶା ମୋ ପରିବାରର ସଂପାଦକ ସୁବାଷ ଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ବରିଷ୍ଠ ମୁରବୀ ଅନ୍ତର୍ଯ୍ୟାମୀ କଅଁର, କରୁଣାକର ରାଉତ, ମାଧବ ରାଉତ, ପର୍ଯ୍ୟବେକ୍ଷକ ସମରେନ୍ଦ୍ର ସାହୁ, ରମେଶ ସାହୁ, ଅନୁ ଖୁଣ୍ଟିଆ, ଟୁଟୁ ହାତୀ, ଦିପୁ ରାଉତ,ଗୀତା ପଣ୍ଡା, ଶାନ୍ତିଲତା ପ୍ରଧାନ, ରୁତୁପୂର୍ଣ୍ଣା ମହାଁି, ମୋନାଲିସା ମହାରଣା ଓ ସ୍ଥାନୀୟ କର୍ମକର୍ତ୍ତା ସାମିଲ ଥିଲେ। ବିଭିନ୍ନ ସ୍ଥାନରେ ଗାଁର ମହିଳାମାନେ ଫୁଲମାଳ ଓ ହୁଳହୁଳି ଦେଇ ପ୍ରାର୍ଥୀନୀଙ୍କୁ ସ୍ୱାଗତ କରିଥିଲେ।

# ବାଲେଶ୍ୱରରେ "ମହିଳା ଯୋଗ ସମିତି ବାଲିଆ" ଆନୁକୂଲ୍ୟରେ ସୂର୍ଯ୍ୟନମସ୍କାର

ବାଲେଶ୍ୱର (ପିଏନ୍)-ବାଲେଶ୍ୱରରେ ମହିଳାଯୋଗ ସମିତି, ବାଲିଆ ଆନୁକୂଲ୍ୟରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ସୂର୍ଯ୍ୟ ନମସ୍କାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷୟିତ୍ରୀ ମଞ୍ଜୁଲତା ପାଣିଗ୍ରାହୀ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲିଙ୍କ ତତ୍ତ୍ୱାବଧାନରେ ଯୋଗ ସମିତି ତଥା ବାଲିଆ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପ୍ରଭାରୀ ଯଶୋମତୀ ଶିଅଳ, ମନୋଜ କୁମାର ଦେ, ଦିବ୍ୟରଞ୍ଜନ ମହାନ୍ତି, ଅବନ୍ତୀରାଣୀ ଦାସ, ଗୋବର୍ଦ୍ଧନ ସାହୁ, କରୁଣାକର ଶିଅଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଦିଗ୍‌ଦର୍ଶନ ଦେଇଥିଲେ। ପଦ୍ମାବତୀ ଜେନା, ସୁଜାତା ଦାସ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଇପ୍ସିତା ସ୍ୱାଇଁ, ପ୍ରାପ୍ତିପ୍ରିୟଦର୍ଶିନୀ ମୁଦୁଲି, ତନୁଶ୍ରୀ ପଟ୍ଟନାୟକ ଓ ଖୁସି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। କଞ୍ଚମଣି ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ସଂଗଠନ ଓଡ଼ିଶା ଓ ନୀତା କମ୍ପ୍ୟୁଟର ଛାତ୍ର-ଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)- ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଭାରତ ସରକାରଙ୍କ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ "ପ୍ରୋଗ୍ରାମର ସଫଳ ରୂପାୟନ ଉଦେଶ୍ୟରେ "ସମ୍ବାଦ"ର ବୈଶିଙ୍ଗା ପ୍ରତିନିଧିଙ୍କ ତତ୍ତ୍ୱାପଧାନରେ ନୀତା କମ୍ପ୍ୟୁଟର ସେଣ୍ଟର, ସେବା ସଂଗଠନ ଓଡ଼ିଶା, ସମ୍ବାଦ ସାହିତ୍ୟ ଘର ବୈଶିଙ୍ଗା ଶାଖା, ଅଞ୍ଚଳର କିଛି ଆଗଧାଡ଼ିର ସାମ୍ବାଦିକ ଓ ବୈଶିଙ୍ଗା ପୁଲିସ ବୈଶିଙ୍ଗା ପୁଲିସ ତରଫରୁ ବୈଶିଙ୍ଗା ବଜାର ରାସ୍ତାରେ ସଫେଇ କାର୍ଯ୍ୟ ସହିତ ଥାନା ପରିସରରେ ବୃକ୍ଷରୋପଣ କରାଯାଇଛି। ଉକ୍ତ ସଫେଇ କାର୍ଯ୍ୟକ୍ରମକୁ ଆଜି ବୈଶିଙ୍ଗା ସ୍ଥିତ ନୀତା କମ୍ପ୍ୟୁଟରର ପରିଚାଳନା ନିର୍ଦ୍ଦେଶିକା ରଶ୍ମୀରେଖା ପାଣିଗ୍ରାହୀ, ସମାଜସେବା ବିବେକାନନ୍ଦ ପଣ୍ଡା ଓ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେବା ସଂଗଠନର କର୍ମକର୍ତ୍ତା, ନୀତା କମ୍ପ୍ୟୁଟରର ଛାତ୍ରଛାତ୍ରୀ ଓ ବୈଶିଙ୍ଗା ଥାନାର କାର୍ଯ୍ୟରତ ଅଫିସରମାନେ ହାତରେ କୋଦାଳ, ଝାଡୁ ଧରି ବୈଶିଙ୍ଗା ବଜାରରେ ପହଂଚି ବଜାର ସଫେଇ କରିଥିଲେ। ପରେ ବୈଶିଙ୍ଗା ସମ୍ବାଦ ସାହିତ୍ୟଘରର ସଦସ୍ୟଙ୍କ ସହାୟତାରେ ସମସ୍ତେ ଏକତ୍ରିତ ହୋଇ ଥାନା ପରିସରରେ ବୃକ୍ଷରୋପଣ କରିଥିଲେ। ଉକ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ "ସେବା ସଂଗଠନ ଓଡ଼ିଶା" ବାଲେଶ୍ୱର ଶାଖା ପକ୍ଷରୁ ଅଧକ୍ଷ କମଳଲୋଚନ ପଣ୍ଡା, ରଜତ କୁମାର ବାରିକ, କିର୍ତ୍ତୀ କୁମାର ବିନ୍ଧାଣୀ, ମନୋଜ ରାଉତ, ମଳୟ ବାରିକ, କମଳାକାନ୍ତ ବେହେରା, ବୈଶିଙ୍ଗା ଶାଖା ତଥା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଯାଶୀତା ସୁମନ, ରଣଜିତ ନାୟକ, ରତିକାନ୍ତ ରାଉତ, ଆକାଶ ଦାସ, ରେଜାଲିନ ପଣ୍ଡା, ସାଇପ୍ରଭା ରଣା, ସୁନିତା ମହାନ୍ତି, ଝରଣା ସିଂ, ପାଣ୍ଡୁ ସେମ୍ରନ, ଅଞ୍ଜଳି, ଲିପ୍ସା, ବେବି, ଝିଲ୍ଲୀ, ଆଗଧାଡ଼ିର ସାମ୍ବାଦିକମାନଙ୍କ ମଧ୍ୟରୁ କଞ୍ଚମଣୀ ସ୍ୱାଇଁ, ଅବିନାଶ ପଣ୍ଡା, ବିଦ୍ୟାଧର ପଣ୍ଡିତ, ଶାନ୍ତନୁ ପଣ୍ଡା, ସୁଧାକର ଭୂୟାଁ, ପପୁ ପଣ୍ଡା, ସେହିପରି ବୈଶିଙ୍ଗା ଥାନା ପକ୍ଷରୁ ଭାବଗ୍ରାହୀ ମହାନ୍ତ, ଦେବଦାସ ସାହୁ, ପ୍ରଦୀପ ରାଉତ, ବିନୋଦ ବେହେରା, ତପନ ଜେନା ପ୍ରମୁଖ ତଥା ନୀତା କମ୍ପ୍ୟୁଟରର ଛାତ୍ରଛାତ୍ରୀ ସମେତ ଅଞ୍ଚଳର କିଛି ସ୍ୱେଚ୍ଛାସେବକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବୈଶିଙ୍ଗା ଅଞ୍ଚଳର ଏହି ସେବା କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ନେଇ ସେବା ସଂଗଠନ ଓଡ଼ିଶାର ଅଧକ୍ଷ ପ୍ରକାଶ କରିଥିଲେ। ଶେଷରେ ଉକ୍ତ ମହତ କାର୍ଯ୍ୟର ସଫଳ ରୂପାୟନ ପାଇଁ 'ସମ୍ବାଦ ବୈଶିଙ୍ଗା' ପ୍ରତିନିଧି ଦୀପକ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବୃଦ୍ଧିଜୀବୀ ମହଲରେ ଉକ୍ତ ସଫେଇ କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଛି।

# ଚକ୍ରୋଡା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



କେନ୍ଦ୍ରାପଡ଼ା (ପିଏନ୍): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ଭୋଟରଙ୍କ ମନରେ ଆଗ୍ରହ ଓ ଉଦ୍ଦିପନା ବୃଦ୍ଧି ପାଉଥିବାର ଦେଖାଯାଉଛି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ ନମ୍ବର ଜୋନରେ ଏକ ନିଆରା ପରମ୍ପରା ସୃଷ୍ଟି ହୋଇଛି। ଚକ୍ରୋଡା ପଞ୍ଚାୟତର ପୂର୍ବତନ କଂଗ୍ରେସ ସମର୍ଥିତ ସରପଞ୍ଚ ଉତ୍ତମ ଚରଣ ମଲିକ ଓ ତାଙ୍କର ବହୁ ସମର୍ଥକ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଏବଂ କେନ୍ଦ୍ରାପଡା ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି(ପୀର ଭାଇ)ଙ୍କ ନେତୃତ୍ୱକୁ ବିଶ୍ୱାସ କରି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ ସରପଞ୍ଚ ଶ୍ରୀ ମଲିକ କହିଥିଲେ ଯେ ମୁଁ ଓ ମୋର ସମର୍ଥକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ବେହେରାଙ୍କ ଜନ ହିତକର କାର୍ଯ୍ୟ ଓ ବିକାଶ ଧାରାକୁ ବିଶ୍ୱାସ କରି ବିଜୁ ଜନତା ଦଳରେ ସାମିଲ ହୋଇଛୁ। ଚଳିତ ନିର୍ବାଚନରେ ନିର୍ମଳା ଅପାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆମେ ଜିତାଇବୁ।




## କେନ୍ଦୁଝର : ପୌର ନିର୍ବାଚନ ପାଇଁ ଭୋଟର ତାଳିକାର ପ୍ରାଥମିକ ପ୍ରକାଶନ ଏବଂ ମତଦାନ କେନ୍ଦ୍ର ଚୂଡାନ୍ତ କରିବା ସଂପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ



କେନ୍ଦୁଝର, (ପି.ଏନ): ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ କେନ୍ଦୁଝରଗଡ଼, ବଡ଼ବିଲ, ଯୋଡା, ଆନନ୍ଦପୁର ପୌରପାଳିକା ଏବଂ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଭୋଟର ତାଳିକାର ପ୍ରାଥମିକ ପ୍ରକାଶନ ଏବଂ ମତଦାନ କେନ୍ଦ୍ର ଚୂଡାନ୍ତ କରିବା ସଂପର୍କରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଚଳିତ ଫେବୃଆରୀ ୧୦ ତାରିଖ ପୂର୍ବାହ୍ନରେ ଦରବାରହଲଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୌର ନିର୍ବାଚନ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କମନା କରିଥିଲେ । ଏହି ଅବସରରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଜାନୁୟାରୀ ୧ ତାରଖ ୨୦୨୨ ମସିହାକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ବିଧାନସଭା ଭୋଟର ତାଲିକା ପ୍ରକାଶନ କରାଯାଇଥିବା କଥା ଜିଲ୍ଲାପାଳ ସୂଚନା ଦେଇଥିଲେ । ପୌରପାଳିକା/ବିଜ୍ଞାପିତ ଅଂଚଳ ପରିଷଦ ୱାରୀ ଭୋଟର ତାଲିକା ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଭୋଟର ତାଲିକା ସଂପୃକ୍ତ ପୌରପାଳିକା କାର୍ଯ୍ୟାଳୟ, ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ / ସମସ୍ତ ୱାର୍ଡ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟମାନଙ୍କରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଚଳିତ ଫେବୃଆରୀ ୧୦ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଭୋଟରମାନେ ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ତାଲିକାଭୁକ୍ତ ହୋଇଛି କି ନାହିଁ, ତାହା ତନଖି ପାରିବେ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାରେ ଥାଇ, ୱାର୍ଡ ୱାରୀ ପ୍ରସ୍ତୁତ ହୋଇଥିବା ପୌରପାଳିକା / ବିଜ୍ଞାପିତ ଅଂଚଳ ପରିଷଦ ଭୋଟର ତାଲିକାରେ ନଥାଏ , ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା, ସଂଶୋଧନ କରିବା ପାଇଁ ଫାରମ ନଂ- ସସସ ରେ ଦରଖାସ୍ତ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ତା ୧୧.୦୨.୨୦୨୨ ରିଖରୁ ତା ୧୬.୦୨.୨୦୨୨ ରିଖ ମଧ୍ୟରେ ଦାଖଲ କରିପାରିବେ । ଏତଦ୍‌ବ୍ୟତୀତ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ, ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ୍ ନଂ- ସଙ୍ଘ ରେ ଦରଖାସ୍ତ ତା ୧୧.୦୨.୨୦୨୨ ରିଖରୁ ତା ୧୬.୦୨.୨୦୨୨ ରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ସଂ - ସସସ ଏବଂ ଫାରମ ନଂ- ସଙ୍ଘ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ୍, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ୍ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ । ସୂଚନାଯୋଗ୍ୟ ଯେ କେନ୍ଦୁଝରଗଡ଼ ପୌରପାଳିକା ପାଇଁ କେନ୍ଦୁଝର ଉପଜିଲ୍ଲାପାଳ, ବଡ଼ବିଲ ପୌରପାଳିକା ପାଇଁ ଚମ୍ପୁଆ ଉପଜିଲ୍ଲାପାଳ, ଯୋଡା ପୌରପାଳିକା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଆନନ୍ଦପୁର ପୌରପାଳିକା ପାଇଁ ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଚମ୍ପୁଆ ତହସିଲଦାର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି । ୨୦୨୨ ମସିହା ପୌର ନିର୍ବାଚନ ନିମନ୍ତେ କେନ୍ଦୁଝରଗଡ଼ ପୌରପାଳିକା ପାଇଁ ୫୦ଟି ବୁଥ୍, ବଡ଼ବିଲ ପୌରପାଳିକା ପାଇଁ ୫୭ଟି ବୁଥ୍, ଯୋଡା ପୌରପାଳିକା ପାଇଁ ୩୨ ଟି ବୁଥ୍, ଆନନ୍ଦପୁର ପୌରପାଳିକା ପାଇଁ ୩୩ଟି ବୁଥ୍ ଓ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ୧୬ଟି ବୁଥ୍ ଏହିପରି ସର୍ବମୋଟ୍ ୧୮୮ଟି ବୁଥ୍ ସ୍ଥିର କରାଯାଇଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରସ୍ତାବିତ ବୁଥ୍ ତାଲିକା ଚଳିତ ଫେବୃଆରୀ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଯିବ । ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଭୋଟର ତାଲିକାର ପ୍ରାଥମିକ ପ୍ରକାଶନ ଏବଂ ବୁଥ୍ ଚୂଡାନ୍ତ ସଂପର୍କରେ ବିଶଦ ଭାବେ ଅବଗତ କରାଇଥିଲେ ଏବଂ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜନୈତିକ ଦଳର ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଯଦୁମଣି ମହଲା, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରିତୀମୟ, ଆନନ୍ଦପର ଉପଜିଲ୍ଲାପାଳ ଗୋପିନାଥ କୁଅଁର, ଚମ୍ପୁଆ ତହସିଲଦାର ଡଃ ସାଇ ସସ୍ମିତା ହୋତା, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ ଏବଂ ଫିରୋଜ ଖାନ୍,ସଂପୃକ୍ତ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର ଆହତ



ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳୀ ପଂଚାୟତର ଦଳକ ଗ୍ରାମ ତଳସାହିର ମଦନ ବଡଜେନା(୬୮) ବିଳମ୍ବିତ ସଂନ୍ଧ୍ୟାରେ ନିଜ ଘର ବାଡିପଟକୁ ପରିଶ୍ରା କରିବାକୁ ଯାଇଥିବା ବେଳେ ବଣୁଆ ଦନ୍ତା ହାତୀ ଆକ୍ରମଣର ଶିକାର ହୋଇଥିଲେ ।ତାଙ୍କ ଡାହାଣ ଗୋଡର ଜଂଘରେ ଗୁରୁତର ଭାବରେ ଆଘାତ ଲାଗିଥିବ ସ୍ଥାନୀୟ ଲୋକମାନେ ଚିତ୍କାର ଶୁଣି ଏକତ୍ରୀତ ହୋଇ ଶ୍ରୀ ବଡଜେନାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମିତ ଭର୍ତି କରିଥିଲେ ।ତେବେ ଗତ କିଛି ଦିନ ଧରି ସ୍ଥାନୀୟ ଅଂଚଳର ବଣୁଆ ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଜନବସତି ମୁହାଁ ହୋଇଛନ୍ତି । ଗତ ଦୁଇ ଦିନ ତଳେ ହାତୀ ଦଳକ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ସମେତ ଗ୍ରାମର ବିଚିତ୍ର ବଳିୟାରସିଂହଙ୍କ ଘର ଭାଙ୍ଗି ଦେଇଥିଲେ ମଧ୍ୟ ବନ ବିଭାଗ କର୍ମଚାରୀଙ୍କୁ ସ୍ଥାନୀୟ ଗ୍ରାମବାସୀ ଜଣାଇବାରୁ କେହି କର୍ଣ୍ଣପାତ କରି ନଥିଲେ ।

## ଘୁଉଦୟଗିରି ଥାନା ପୋଲିସ ଜବତ କଲା ୫୦ କିଗ୍ରା ଗଞ୍ଜେଇ ଜଣେ ଗିରଫ

### ୨୫୦ ଲିଟର ମଦ ଜବତ ଓ ୨୦୦ ଲିଟର ପୋଚ ନଷ୍ଟ ଜଣେ ଗିରଫ

କନ୍ଧମାଳ,(ପିଏନ)- ଜିଲ୍ଲାରେ ବହୁମାତ୍ରରେ ଚୋରା ଗଞ୍ଜେଇ ଚାଲାଣ ହେବା ସହିତ ଦେଶୀ ମଦର କାରବାର ମଧ୍ୟ ବଢିବାରେ ଲାଗିଛି । ଏହାକୁ ଦୃଢ ଭାବରେ ରୋକିବାପାଇଁ କନ୍ଧମାଳ ଏସପି ଭିତିନ୍ ଅଗ୍ରୱାଲ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରିଣାମ ସ୍ୱାରୁପ ଆଜି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଥାନା ପୋଲିସ ଏକ ହୋଣ୍ଡା ସିଟି କାର ଭିତରୁ ୫୦ କିଗ୍ରା ଗଞ୍ଜେଇ ଜବତ କରିବାସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି ପୋଲିସ । ଏହି ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବାପରେ ପୋଲିସ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୧/ ୨୦୨୦ ରୁଜୁ କରି ଜଣେ ଅଭିଯୁକ୍ତ ଫିରିଙ୍ଗିଆ ଅଂଚଳର ନାରାୟଣ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିତିନ୍ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତ ଜଣକର ନାମ ଏବଂ ଠିକଣା ଜଣାପଡିନାହିଁ । ସେହିପରି ଘୁ.ଉଦୟଗିରି ଥାନା ଅଂଚଳରେ ଆଉ ଏକ ଘଟଣାରେ ଦେଶୀ ମଦ ପୋଚ ନଷ୍ଟ କରିବା ସହିତ ଦଶୀ ବିଦେଶୀ ମଦ ଜବତ କରି ଜଣ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ସୁଚନା ଅନୁସାରେ ଆଜି ପୋଲିସ ଘୁ.ଉଦୟଗିରି ଥାନା ଅଂଚଳରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହିତ ସେଠାରେ ୨୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ସେଠାରେ ମଦ ପ୍ରସ୍ତୁତ ପାଇଁ ରହିଥିବା ୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରିଛି ପୋଲିସ । ଏହି ସଂକ୍ରାନ୍ତରେ ଏକ ମାମଲା ୭୦/୨୦୨୦ ରୁଜୁ କରିବା ସହିତ ସେହି ଅଂଚଳର ଫଂଚୁ ସାହୁ ନାମକ ଜଣକୁ ଗିରଫ କରି ତାକୁ କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ସୁଚନା ଦେଇଛନ୍ତି ।

## ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଆଦେଶକୁ ଅବମାନନା କରୁଛି କଳିଙ୍ଗ କାଲସିନର୍

ପାରାଦୀପ, (ପି.ଏନ): ପାରାଦୀପ ଉପକଣ୍ଠ ଦୋଛକି ନିକଟରେ ରହିଛି ପାରାଦୀପର ଅନ୍ୟତମ କାରବନ୍ କାରଖାନା କଳିଙ୍ଗ କାଲସିନର । ଏହି କାରଖାନା ଆରମ୍ଭ ହେବା ଦିନରୁ ବିବାଦ ଏହାର ପିଛା ଛାଡୁନି । ପ୍ରତିଦିନ କଳିଙ୍ଗ କାଲସିନର କାରଖାନାରୁ ନିର୍ଗତ ହେଉଥିବା କଳା ଓ ତେଲିଆ ଧୂଆଁରେ ଅତିଷ୍ଠ ହୋଇ ପଡିଲେଣି ସ୍ଥାନୀୟ ଉଦୟ ବିହାର କଲୋନୀ ବାସିନ୍ଦା । ଉଦୟ ବିହାର-୧ ଓ ଉଦୟ ବିହାର-୨ କଲୋନୀରେ ପାରାଦୀପ ଅଂଚଳର ଲୋକମାନେ ଯାଗା କିଣି ଘର ତିଆରି କରି ରହୁଛନ୍ତି । ଏଠାରେ ତୈଳ ବିଶୋଧନାଗାର ଭଳି ବଡ ବଡ ଶିଳ୍ପ ସଂସ୍ଥାର ବହୁ କର୍ମଚାରୀମାନେ ରହୁଛନ୍ତି । ଏହି କାରଖାନା ପ୍ରଦୂଷଣ ସୃଷ୍ଟିକାରୀ କାରଖାନା ଯାହା ଉପରେ ନିୟନ୍ତ୍ରଣ ଲଗାଇବା ପାଇଁ ଉଦୟ ବିହାର ଉନ୍ନୟନ କମିଟି ପକ୍ଷରୁ ସମାଜସେବୀ ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ୨୦୧୪ ମସିହାରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଆଶ୍ରୟ ନେଇଥିଲେ । କାରଖାନା ନିକଟରେ ଜନବସତି ଥିବାରୁ ପ୍ରଦୂଷଣ ରୋକିବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜିବି କଳିଙ୍ଗ କାଲସିନରରୁ ନିର୍ଗତ ହେଉଛି କଳା ଧୂଆଁ । ସାଧାରଣ ଲୋକ ଏହି କଳା ଧୂଆଁ ପ୍ରଭାବରୁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ବିଶ୍ୱାଳ । ବେଳେ ବେଳେ କାରଖାନାରୁ ତେଲ ମିଶା ଧୂଆଁ ମଧ୍ୟ ନିର୍ଗତ ହେଉଛି । ଘରର କାନ୍ଥ ବାଡରେ ଏହି ଧୂଆଁ ଲାଗି କାନ୍ଥ ଗୁଡିକ ଦିନକୁ ଦିନ ଦୁର୍ବଳ ହେଉଥିବା ନେଇ ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । କାରାଖାନାରୁ ବାହାରୁଥିବା ଧୂଆଁ ଯେପରି ନିକଟବର୍ତ୍ତୀ କଲୋନୀ ଅଂଚଳକୁ ତତ୍‌କାଳ ଯାଇ ନ ପାରିବ ସେଥି ପାଇଁ ଉଚ୍ଚ ପାଚେରୀ ନିର୍ମାଣ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ କଳିଙ୍ଗ କାଲସିନରକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କଳିଙ୍ଗ କାଲସିନର କର୍ତ୍ତୃପକ୍ଷ ଏହାକୁ ନମାନି ପାଚେରୀ ଯାଗାରେ ଆଜବେଷ୍ଟ ପୋତି ନିଜର ପାରିବା ପଣିଆ ଦେଖାଇଥିଲେ । ଏହି ଆଜବେଷ୍ଟ ପାଚେରୀ ଭାଙ୍ଗି ଗଳାଣି ତାର ପୁର୍ନଉଦ୍ଧାର କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ବେଖାତିର କରିଚାଲିଛନ୍ତି । କମ୍ପାନୀ ତାର ସାମାଜିକ ତଥା ପାରିପାର୍ଶ୍ୱିକ ଉନ୍ନୟନ ବିକାଶ ପାଣ୍ଠିରୁ ଗୋଟିଏ ବି ଟଙ୍କା ଆଜି ପର୍ଯ୍ୟନ୍ତ ଏଠାରେ ଖର୍ଚ୍ଚ ନକରିବା ସାଧାରଣରେ ନୈରାଶ୍ୟ ସୃଷ୍ଟି କରିଛି । କମ୍ପାନୀ ରାସ୍ତାଘାଟ ନିର୍ମାଣ କରିବା, ପ୍ରଦୂଷଣ ରୋକିବା ଆଦିକୁ ଭୁଲିଯାଇ ଅର୍ଥ ରୋଜଗାର କରିବାରେ ଲିପ୍ତ ଥିବା କମ୍ପାନୀ ଯଦି ଆଗାମୀ ଦିନରେ ଏଭଳି ମନମାନୀ ଜାରୀ ରଖେ ତେବେ ଉଦୟ ବିହାର ଉନ୍ନୟନ କମିଟି ପୁର୍ନବାର ଉଚ୍ଚ ନ୍ୟାୟାଳୟ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଆଶ୍ରୟ ନେବ ବୋଲି ଶ୍ରୀ ବିଶ୍ୱାଳ ଚେତାଇ ଦେଇଛନ୍ତି ।

## ପ୍ରବାସୀ ଓଡ଼ିଆ ଭାଷା ଯୋଦ୍ଧାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,(ପି.ଏନ): ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଭାଷା ଆନ୍ଦୋଳନ ଅଭିପ୍ରେତ ଥିଲା । ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରେ ରେକର୍ଡଧାରୀ ଦୀର୍ଘ ୮୭୮ ଦିନର କଳାପତାକା ଅଭିଯାନ ଏହି ଐତିହାସିକ ଅହିଂସା ସଂଗ୍ରାମର ପ୍ରମୁଖ ଅଂଶ ବିଶେଷ ଥିଲା । ଓଡ଼ିଶାର କୋଣ ଅନୁକୋଣରେ ଏହି ନ୍ୟାଯ୍ୟ ଦାବି ପ୍ରତି ଉଚ୍ଛ୍ୱସିତ ସମର୍ଥନ ପ୍ରକାଶ ପାଇବା ସହିତ ରାଜ୍ୟ ବାହାରେ ଭାରତ ବର୍ଷର ରାଜଧାନୀ ନୂଆଦିଲ୍ଲୀ, ଦେଶର ଅନ୍ୟାନ୍ୟ ପ୍ରମୁଖ ମହାନଗରମାନଙ୍କରେ ତଥା ବିଭିନ୍ନ ପ୍ରଦେଶରେ ଏବଂ ବିଦେଶର ବିଭିନ୍ନ ରାଷ୍ଟ୍ରରେ ଅବସ୍ଥାନ କରୁଥିବା ପ୍ରବାସୀ ଓଡ଼ିଆମାନେ ମଧ୍ୟ ବିପୁଳ ସଂଖ୍ୟାରେ ଭାଷା ଅଭିଯାନ ପ୍ରତି ନୈତିକ ଓ ସାଂକେତିକ ସମବେଦନା ଜ୍ଞାପନ କରିଥିବା ଜଣାଯାଇଥିଲା । ପ୍ରବାସରେ ଅବସ୍ଥାନ କରୁଥିବା କିଛି ପ୍ରମୁଖ ଭାଷା ଯୋଦ୍ଧାଙ୍କୁ ନିକଟରେ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ପ୍ରାପ୍ତ ସୂଚ଼ନାରୁ ପ୍ରକାଶ । ଏଠାକାର ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ଏହି ଉପଲକ୍ଷେ ଭାଷା ଆନ୍ଦୋଳନ ତରଫରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତିଭୂଷଣ କର ପୌରୋହିତ୍ୟ କରିଥିଲେ । ସମ୍ବର୍ଦ୍ଧିତ ଭାଷା ଯୋଦ୍ଧାମାନଙ୍କ ମଧ୍ୟରେ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ ତଥା ଦିଲ୍ଲୀରେ ଅବସ୍ଥାପିତ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡଃ ବିପୀନ ମିଶ୍ର, ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଡଃ ନଳିନୀ ପତି, କାନାଡ଼ା ଅଧିବାସୀ ଡଃ ତନ୍ମୟ ପଣ୍ଡା ଓ ଡଃ ସୁନନ୍ଦା ମିଶ୍ର ପଣ୍ଡା, ଦିଲ୍ଲୀ ନିବାସୀ କାବେରୀ ବେହେରା ଏବଂ କଳା ପତାକା ଅଭିଯାନରେ ସର୍ବକନିଷ୍ଠ ଅଂଶଗ୍ରହଣକାରୀ ଦିଲ୍ଲୀ ମଦର ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ର ନନ୍ଦନ ଦ୍ୱିବେଦୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ସଭାକୁ ସମ୍ବୋଧନ କରି ଡଃ ନଳିନୀ ପତି, ଆମର ମାତୃଭାଷାକୁ ନିତିଦିନ ଚ଼ାଲିଚ଼ଳଣିରେ ବ୍ୟବହାର କରିବାକୁ ଆମେ ପ୍ରୟାସରତ ଅଛୁ ବୋଲି କହିଥିଲେ । କାନାଡ଼ାରେ ବିଦ୍ୟା ପ୍ରକାଶନୀ ଓ କାଁସା ସଂସ୍ଥା ମାଧ୍ୟମରେ ଆମେ ଓଡ଼ିଆ ଭାଷାର ପ୍ରଚ଼ାର, ପ୍ରସାରରେ ବ୍ରତୀ ଥିବା ଡଃ ତନ୍ମୟ ପଣ୍ଡା ପ୍ରକାଶ କରିଥିଲେ । ଭାଷା ଆନ୍ଦୋଳନ ସମସ୍ତ ଓଡ଼ିଆଙ୍କର ପ୍ରାଣ ସ୍ପନ୍ଦନ ହୋଇସାରିଥିବା, ବିଭୁତି ଭୂଷଣ କର ମତବ୍ୟକ୍ତ କରିଥିଲେ । ଭାଷା ପାଇଁ 'ଗଣ ଓ ଗଣମାଧ୍ୟମ' ଶୀର୍ଷକ ସୁଦୂର ପ୍ରସାରୀ ଯୋଜନାବଦ୍ଧ ଉଦ୍ୟମ ଯୋଗୁଁ ଏହି ଆନ୍ଦୋଳନ ସଫଳତାର ଶୀଖର ଚୁମିଥିଲା ବୋଲି ଶ୍ରୀ କର ସୂଚ଼ାଇଥିଲେ । ଓଡ଼ିଆରେ ଓଡ଼ିଶାର ଶାସନ ଚ଼ାଳିବା ନେଇ ଆଇନଗତ କାର୍ଯ୍ୟାନ୍ୱୟନ ଏବଂ 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରଦେଶ ସଂଗୀତର ମାନ୍ୟତା ପ୍ରଦାନ କରିବା ନେଇ ଭାଷା ଆନ୍ଦୋଳନର ସଫଳତା ପରେ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମ ପ୍ରତି ଭାଷା ଆନ୍ଦୋଳନ, ଓଡ଼ିଶାର ଅଧ୍ୟକ୍ଷ ଚ଼କ୍ରଧର ମହନ୍ତ ଜନସମର୍ଥନ କାମନା କରିଥିଲେ । ଶଢେଇକଳା ଖରସୁଆଁର ବିଚ଼୍ଛିନ୍ନ ଅଞ୍ଚଳରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷା ଭାବରେ ସ୍ୱୀକୃତି ପ୍ରଦାନ କରାଯିବା ନେଇ ପୂର୍ଣ୍ଣାଙ୍ଗ ନ୍ୟାସମଣ୍ଡଳର ସଫଳତା ସମ୍ପର୍କରେ ସମ୍ମାନୀୟ ବକ୍ତା ସୀତାବଲ୍ଲଭ ମହାପାତ୍ର ଆଲୋକପାତ କରିଥିଲେ । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଡମ୍ବରୁଧର ହରଣସିଂହ, ନବକିଶୋର ପ୍ରଧାନ, ଅଲେଖ ଜେନା ଓ ଜାନକୀଶ ବଡ଼ପଣ୍ଡା ପ୍ରମୁଖ ସାମିଲ ଥିଲେ । ଭାଷା ଯୋଦ୍ଧା ଶାରଦା ପ୍ରସାଦ ମହାପାତ୍ର ସଭା ସଞ୍ଚାଳନା କରିଥିଲେ । ମୁଖ୍ୟ ଆୟୋଜକ ଏବଂ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ସ୍ୱାଗତ ଭାଷଣ ପ୍ରଦାନ କରି ଭାଷା ଆନ୍ଦୋଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚ଼ନା ପ୍ରଦାନ କରିଥିଲେ ।

## ୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

## ୧୯ ଲିଟର ବିଦେଶୀ ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା, (ପିଏନ)-କୋଭିଡ-୧୯ କଟକଣା ଲାଗୁ ହୋଇଥିବା ବେଳେ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟକୁ ଜୋରଦାର ବଢାଇ ଦେଇଛନ୍ତି । କେତେକ ବ୍ୟବସାୟୀ ଭ୍ରାମ୍ୟମାଣ ମଦ ଦୋକାନ ଖୋଲି ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଓ ଅବକାରୀ ସୁପରିଟେଣ୍ଡ ବାସନ୍ତୀପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଜବତ କରିଥିବା ଜଣା ପଡିଛି । ଗିରଫ ଆସାମୀ ମାନେ ଚାନ୍ଦୋଳର ଧିରେନ୍ ମଲିକ(୫୨) , ନରିଲୋ ଗାଁର ଗୋକୁଳାନନ୍ଦ ଜେନା(୪୫) ଓ ଗୁଲନଗର ଗ୍ରାମର ଜଳଧର ସେଠୀ (୩୩)ଙ୍କୁ ପିଆର କେସ୍ ନଂ-୭/୨୦,୮/୨୦ ଓ ୯/୨୦ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

## ଭାଗବତପୁର ପଂଚାୟତରେ ବୃକ୍ଷ ରୋପଣ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତର ସିଙ୍ଗିରୀ ଗ୍ରାମ, ବାଲିଆ ତରାପୁର ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ନିର୍ଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ରେ ବୃକ୍ଷ ରୋପଣ କରାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଅନାମ ବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ । ବିଡିଓ ସୁଧିର ସିଂ ସମ୍ମାନିତ ଅତିଥି, ସରପଂଚ ଧରଣୀଧର ବେହେରା, ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ କେନ୍ଦ୍ରାଡା ବ୍ଲକ ଅଧିନ ପ୍ରାୟ ୧୫୦ କିମି ରାସ୍ତା କଡରେ ବୃକ୍ଷ ରୋପଣ କରାଯିବ ବୋଲି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିପକ ସାମନ୍ତରାୟ , ଜିଆରଏସ ଲିପିକା ଅଗ୍ନିହୋତ୍ରୀ ପ୍ରମୁଖ ସୂଚନା ଦେଇଥିଲେ ।

## ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ ପାଇଁ ଓଡ଼ିଶା ପ୍ରତିବଦ୍ଧ



ଭୁବନେଶ୍ୱର: ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଲିଟିକ ଫାଇଲେରିଆସିସ୍ ନିରାକରଣ ଲକ୍ଷ୍ୟ ହାସଲ ଦିଗରେ କୌଣସି ପ୍ରୟାସ ହାତଛଡା ନକରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି । ୨୦୨୨ ଫେବୃଆରୀ ୧୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୟାଗଡ ଜିଲ୍ଲାରୁ ସାମୁହିକ ଔଷଧ ସେବନ (ଏମ୍‌ଡିଏ) ପର୍ଯ୍ୟାୟଗୁଡିକ ଶୁଭାରମ୍ଭ କରିବାକୁ ଏକ ରାଜ୍ୟସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା । କୋଭିଡ-୧୯ ସମ୍ପର୍କିତ ସମସ୍ତ ନିୟମାବଳୀକୁ ପାଳନ କରାଯାଇ ଏହି ପର୍ଯ୍ୟାୟଗୁଡିକ ୨୦୨୨ ଫେବୃଆରୀ ୧୦ ତାରିଖରୁ ଆରମ୍ଭ ହେବ । ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମକରନ୍ଦ ବେଉରା, ନୟାଗଡ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପୁଷ୍ପ ନିଳୀମା ଲାକ୍ରା, ନୟାଗଡ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ତାରକ ପ୍ରସନ୍ନ ତ୍ରିପାଠୀ, ନୟାଗଡ ଆଇସିଡିଏସ୍ ସିଡିପିଓ ଶ୍ରୀମତୀ ଲକ୍ଷ୍ମୀ ଦାସ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାର ରାଜ୍ୟ ସଂଯୋଜକ ଡା. ବି ପି ଦତ୍ତ ଏବଂ ଜିଏଚଏସ୍‌ର ବରିଷ୍ଠ ଡାଇରେକ୍ଟର ଶ୍ରୀ ଅନୁଜ ଘୋଷ ପ୍ରମୁଖ ଏହି ଶୁଭାରମ୍ଭ ଉତ୍ସବରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ନିରନ ମିଶ୍ର କହିଥିଲେ ଯେ, ନ୍ତଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଅକ୍ଷମତାର ଏକ ଅନ୍ୟତମ ମୁଖ୍ୟ କାରଣ ହେଉଛି ଫାଇଲେରିଆସିସ୍ । ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା କିନ୍ତୁ ବୟସ୍କ ଅବସ୍ଥାରେ ପ୍ରତ୍ୟକ୍ଷ ଭାବରେ ପରିଲକ୍ଷିତ ହେଉଥିବା ଏହି ସଂକ୍ରମଣ ଲିଟିକ ବ୍ୟବସ୍ଥାକୁ ନଷ୍ଟ କରିଦେଇଥାଏ ଏବଂ ଏହାର ଯଦି ଚିକିତ୍ସା କରାନଯାଏ, ତେବେ ଏହା ଶରୀରର ବିଭିନ୍ନ ଅଂଶରେ ଫୁଲା ସୃଷ୍ଟି କରିଥାଏ ଯାହା ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରିବ ନାହିଁ । ଫାଇଲେରିଆସିସ୍‌ରେ ଆକ୍ରାନ୍ତ ଲୋକ ଅନେକ ସମୟରେ ହାଇଡ୍ରୋସିଲ, ଲିଡେମା (ଅଙ୍ଗ ପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (ଈଷତ୍ ଦୁଗ୍ଧ ରଙ୍ଗର ପରିସ୍ରା)ର ଶିକାର ହୋଇଥାନ୍ତି । ଏହି ପରିସ୍ଥିତି ଲିଟିକ ଫାଇଲେରିଆସିସ୍‌ରେ ଆକ୍ରାନ୍ତ ଲୋକଙ୍କର ଜୀବିକା ଉପାର୍ଜନ ଓ ସେମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ତଥା ସେମାନଙ୍କର କାର୍ଯ୍ୟ କରିବାର ସାମର୍ଥ୍ୟକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ସେମାନେ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଫାଇଲେରିଆସିସ୍ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ (ଡିଇସି ଓ ଆଲବେଣ୍ଡାଜୋଲ) ସେବନ ଦ୍ୱାରା ରୋକାଯାଇପାରିବ । ସେ ମଧ୍ୟ କହିଥିଲେ ଯେ, ଏମ୍‌ଡିଏ ପର୍ଯ୍ୟାଗୁଡିକୁ ସଫଳ କରିବା ପାଇଁ ଗୋଷ୍ଠୀ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଆମେ ଦୃଷ୍ଟିନିବଦ୍ଧ କରୁଛୁ ।ନ୍ତ ଜନସାଧାରଣ ନିଜକୁ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଫାଇଲେରିଆସିସ୍‌ରୁ ସୁରକ୍ଷିତ ରଖିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଔଷଧ ସେବନ କରିବା ଅନିବାର୍ଯ୍ୟ ବୋଲି ସେ ଜନସମୁଦାୟଙ୍କୁ ନିବେଦନ କରି କହିଥିଲେ । ତାଙ୍କର ଉଦ୍‌ବୋଧନ ପରେ ସେ କେତେକ ହିତାଧିକାରୀଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଇ ଆନୁଷ୍ଠାନିକ ଭାବରେ ସାମୁହିକ ଔଷଧ ସେବନ ପର୍ଯ୍ୟାୟର ଶୁଭାରମ୍ଭ କରିଥିଲେ । ଫେବୃଆରୀ ୧୦ ତାରିଖରେ ଏମ୍‌ଡିଏ ଆରମ୍ଭ କରାଯାଇଥିବା ୮ଟି ଜିଲା ମଧ୍ୟରେ ଅନୁଗୁଳ, ବାଲେଶ୍ୱର, କଟକ, ଗାମ, ଢେଙ୍କାନାଳ, ଝାରସୁଗୁଡା, ନୂଆପଡା ଏବଂ ନୟାଗଡ ରହିଛି । ନୟାଗଡର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମକରନ୍ଦ ବେଉରା ଉଲ୍ଲେଖ କରିଥିଲେ ଯେ, ଏମ୍‌ଡିଏ ପର୍ଯ୍ୟାୟଗୁଡିକ ସମୟରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ଯେଭଳି ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରାଯିବ । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଥିବା ଲୋକଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଏହି ପର୍ଯ୍ୟାୟଗୁଡିକ ଅବସରରେ ଧାର୍ଯ୍ୟ ପାନର ଔଷଧ ନିଶ୍ଚିତ ସେବନ କରିବାକୁ ହେବ । ସେ ପୁନଶ୍ଚ କହିଥିଲେ ଯେ ସାଧାରଣତଃ ବିରଳ ଦେଖାଯାଇଥିବା କୌଣସି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା କ୍ଷେତ୍ରରେ ତାହାର ମୁକାବିଲା କରିବାକୁ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ସୁପରଭାଇଜର ଏବଂ ତ୍ୱରିତ କ୍ରିୟାନ୍ୱୟନ ଦଳଗୁଡିକୁ ସମସ୍ତ ବ୍ଲକ୍‌ରେ ମୁତୟନ କରାଯାଇଛି ।




ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक





Bhubaneswar Friday February 11 | ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୧୧,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ୩ନଂ ଜୋନରେ ବିଜେଡିର ରୋଡ ଶୋ : ପ୍ରାର୍ଥୀନୀଙ୍କ ସମେତ ରାଜ୍ୟସଭା ସାଂସଦ ଓ ବିଧାୟକ ବୁଲିଲେ





ଖୋର୍ଦ୍ଧା,(ପି.ଏନ): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ପାଇଁ ଖୋର୍ଦ୍ଧାସ୍ଥିତ ବିଭିନ୍ନ ପଚାଂୟତ ପ୍ରଚାରରେ ପଡୁଛି ଉଠୁଛି । ଏହି ଅବସରରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୩ନଂ ଜୋନରେ ଆଜି ବିଜେଡିର ରୋଡ ଶୋ କରାଯାଇଛି ।ବିଜେଡିର ରୋଡ ଶୋ ରେ ବିରୋଧି ଛାନିଆ ହୋଇଥିବାବେଳେ ଏହି ଜୋନର ପଂଚାୟତସ୍ତରୀୟ ରଥି, ମହାରଥି ପ୍ରମୁଖ ଆଜି ଏହି ଶୋଭାଯାତ୍ରାରେ ବିଜେଡି ଦଳୀୟ ପ୍ରାର୍ଥୀନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । ଅଣ୍ଡା ଶାଳେଶ୍ୱର ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ୯ଗୋଟି ପଂଚାୟତ ପରିକ୍ରମା କରିଥିଲା । ଏଥିରେ ପ୍ରାର୍ଥୀନି ରୂପଶ୍ରୀ ରାଣୀ ଗୁମାନସିଂ, ରାଜ୍ୟ ସଭା ସଂାସଦ ମିଜିବୁଲା ଖାଁ(ମୁନା), ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ବିଜେଡି ସଭାପତି ବିଭୁତି ବଳବନ୍ତରାୟ, ନରଣଗଡ ପଂଚାୟତ ସରପଂଚ ବୈକୁଣ୍ଠ ମାର୍ଥା, ପୂର୍ବତନ ସରପଂଚ କାଳୁଚରଣ ବଳିୟାରସିଂହ, ଅବକାଶ ମହାନ୍ତି, ଜିଲ୍ଲା ଉପସଭାପତି ବିଭୁପ୍ରସାଦ ସାହୁ, କମଳ ପ୍ରଧାନ, ଅଜିତ ମହାପାତ୍ର, ଜିଲ୍ଲା ସମ୍ପାଦକ ଲଳିତ ମୋହନ ମହାପାତ୍ର, ଗୌତମ ମିଶ୍ରଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ସମସ୍ତ ପଂଚାୟତର ବିଭିନ୍ନ ଗାଁ ବୁଲି ରୁପଶ୍ରୀଙ୍କ ଲାଗି ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିଥିଲେ । ଏହି ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ବୋଲି ସ୍ଥାନୀୟ ବିଧାୟକ କହିଥିଲେ ।ସେହିପରି ନବୀନ ସରକାର ଗ୍ରାମାଂଚଳ ଭିତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଥିବାବେଳେ ଗ୍ରାମାଂଚଳରେ ଅନେକ ଜନହିତକର କାର୍ଯ୍ୟ ଜାରି ରହିଛି ।ଗ୍ରାମାଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସଚେନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି । ଯାହା ଫଳରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ସୁବିଧାଜନକ ସ୍ଥିତି ରହିଛି ।ରାଜ୍ୟରେ ନବୀନଙ୍କ ବିକଳ୍ପ ନାହିଁ ବୋଲି ଜିଲ୍ଲା ସମ୍ପାଦକ ଶ୍ରୀ ମହାପାତ୍ର କହିଥିଲେ ।

## ଫାଇଲେରିଆ ଔଷଧ ସେବନ ଆରମ୍ଭ

ବାଲେଶ୍ୱର,(ପି.ଏନ): ରାଜ୍ୟରେ ଲିମ୍ଫାଟିକ୍ ଫାଇଲେରିଆ ନୀରାକରଣ ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲିମ୍ଫାଟିକ୍ ଫାଇଲେରିଆ ରୋଗର ଭୟାବହତା ସମ୍ପର୍କରେ ଆଲୋଚନା ସହ ଜନ ସାଧାରଣ ଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ । ୨ ବର୍ଷରୁ କମ ବୟଶର ଶିଷୁ, ଗର୍ଭବ□ୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତିତ ଅନ୍ୟ ସମସ୍ତ ବର୍ଗର ଲୋକଙ୍କୁ ଆଶା, ଅଙ୍ଗନବାଡ଼ି କର୍ମୀ ଏବଂ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଔଷଧ ସେବନ କରାଇବେ ବୋଲି ସିଡିଏମ ଡାକ୍ତର ଜଗଦେବ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଶୁଶାନ୍ତ ଶେଖର ଚୌଧରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଏଭି କଳିଙ୍ଗ ନଗରରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଏଡୁଟେକ'











ଭୁବନେଶ୍ୱର,(ପି.ଏନ):ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଡିଏଭି କଳିଙ୍ଗ ନଗରରେ ପ୍ରତିବର୍ଷ ଭଳି ଚଳିତବର୍ଷ ଦୁଇ ଦିନିଆ ବାର୍ଷିକ ପ୍ରଦର୍ଶନୀ ନ୍ତଏଡୁଟେକନ୍ତ ଅନୁଷ୍ଠିତ ହୋଇଯାଇଛି । କରୋନା ଓ ଓମିକ୍ରନ ଭଳିଜଟିଳ ପରିସ୍ଥିତିରେ ଥାଇ ମଧ୍ୟ ଛାତ୍ରଛାତ୍ରୀମାନେ ଏହି ପ୍ରକଳ୍ପରେ ଅଂଶଗ୍ରହଣ କରିଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ଏହା ପିଲାମାନଙ୍କର ସୃଜନଶୀଳତାର ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ସେ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ । ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ଓଡିଆ, ଇଂରାଜୀ, ସାମାଜିକ ବିଜ୍ଞାନ ଓ ହିନ୍ଦୀବିଭାଗରୁ ୧୦୭ଟି ପ୍ରକଳ୍ପରେ ୨୦୭ ଜଣ ବିଦ୍ୟାର୍ଥୀ ଅଂଶଗ୍ରଗହଣ କରିଥିଲେ । ତୃତୀୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ନିଜନିଜର ପ୍ରକଳ୍ପକୁ ଉପସ୍ଥାପନ କରିଥିଲେ ଆଭାସୀ ପଟଳ ମାଧ୍ୟମରେ । ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରକଳ୍ପଗୁଡିକୁ ବିଚାରକୁ ନିଆଯାଇଥିଲା । ଶିକ୍ଷୟିତ୍ରୀ ଶର୍ମିଳା ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡିଶୀ ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେଛାତ୍ରୀ ପ୍ରୀତିଝଙ୍କାର । ୟୁଟୁବ ମାଧ୍ୟମରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା ।

## ମାତୃ ସ୍ମୃତିରେ ହାସ୍ୟ ଅଭିନେତାଙ୍କ ବୃକ୍ଷ ରୋପଣ



ଭୁବନେଶ୍ୱର,(ପି.ଏନ): ହାସ୍ୟ ଅଭିନେତା ଦେବୀଦତ ବାରିଙ୍କ ମା' ଶକୁନ୍ତଳା ବାରିକ୍ଙ୍କ ବିୟୋଗର ଚତୁର୍ଦ୍ଦଶୀ ତିଥିରେ ଆଜି ବୃକ୍ଷ ଚାରା ରୋପଣ କରାଯାଇଛି । ସାମନ୍ତରାପୁର ମହାବୀର ନଗରଠାରେ ହାଇକୋର୍ଟ ଆଇନଜୀବୀ ସରୋଜ ସାହୁ, ଭୁବନେଶ୍ୱର ଓକିଲ ସଂଘର ଉପସଭାପତି ଶ୍ରୀ ଦେବୀଦତ ବାରିକ୍ ଓ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ସାହୁ ମାତୃ ସ୍ମୃତିରେ ଡାଲଚିନି ଓ ତେଜପତ୍ର ଆଦି ବୃକ୍ଷ ଚାରା ରୋପଣ କରିଛନ୍ତ । ସାହାଯ୍ୟ ଗୃପର ସଭାପତି ଲିଙ୍ଗରାଜ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସେ ଏହିପରି ଅବସରରେ ବୃକ୍ଷ ରୋପଣ କଲେ ମାତୃ ସ୍ମୃତିରେ ଗଛ ଗୁଡିକୁ ବଂଚାଯାଇ ପାରିବ । ଅଧିକ ବୃକ୍ଷ ରୋପଣ କଲେ ଜଳସ୍ତର ବୃଦ୍ଧି ପାଇବ । ଏହା ଦ୍ୱାରା ଆଗାମୀ ଦିନରେ ପାଣିର ସମସ୍ୟା ଦେଖା ଦେବ ନାହିଁ । ଏଥି ପାଇଁ ସମସ୍ତଙ୍କୁ ଏହି ପରି କାର୍ଯ୍ୟକୁ ପିତୃ ଓ ମାତୃ ସ୍ମୃତିରେ କରିବା ଉଚିତ୍ । ରାଜଧାନୀରେ ଜଳସ୍ତର କମୁଥିବାରୁ ଏହାର ସଂରକ୍ଷଣ ସବୁ ନାଗରିକଙ୍କୁ କରିବାକୁ ପଡିବ ବୋଲି କହିଛନ୍ତି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଅଗର କଂଗ୍ରେସ ନା ହୋତି' ଭାଷଣକୁ ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ଓ ଯଜ୍ଞେଶ୍ୱର ବାବୁଙ୍କ କଡ଼ା ଯବାବ



ଭୁବନେଶ୍ୱର,(ପି.ଏନ): ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ, ନେହେରୁ ଓ ସୁଭାଷ ବୋଷଙ୍କ ସହଯୋଗରେ ଆମ ଦେଶକୁ ସ୍ୱାଧୀନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ହିନ୍ଦୁ ମହାସଭା ବ୍ରିଟିଶ ସରକାର ସାଙ୍ଗରେ ନଥିଲେ ଭାରତ ବର୍ଷ ବହୁ ପୂର୍ବରୁ ସ୍ୱାଧୀନତା ପାଇଥାନ୍ତା । ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ନେହେରୁ ଭାରତ ବର୍ଷର ବିକାଶ ପାଇଁ ଆପ୍ରାଣେ ଉଦ୍ୟମ କରିଥିଲେ । ଏପରିକି ସେତେବେଳେ ଦେଶରେ ସାଇକେଲ କାରଖାନାଟିଏ ବି ନଥିଲା । ଭାରତବର୍ଷରେ ସ୍କୁଲ, କଲେଜ, ଡାକ୍ତରଖାନା, ଚାଷପାଇଁ ଟ୍ରାକ୍ଟର, ଜଳସେଚନ ପାଇଁ ଡ୍ୟାମ, ଗମନାଗମନ ପାଇଁ ରାସ୍ତା ଓ ପୋଲ ଯୁଦ୍ଧକାଳୀନ ଭିତିରେ ତିଆରି ହେଲା । ତାଙ୍କ ସମୟରେ ବୈଜ୍ଞାନିକ ପ୍ରଣାଳୀରେ ଦେଶର ବିକାଶ ପାଇଁ ବୈଜ୍ଞାନିକ ମାନଙ୍କୁ ମନ୍ତ୍ରୀ ମଣ୍ଡଳରେ ନିଆଯାଇଥିଲା । ଭାରତବର୍ଷ ସମ୍ବିଧାନ ଦଳିତ, ଆଦିବାସୀ ଓ ଗରିବ ମାନଙ୍କର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଓ ଅନ୍ୟ ନାଗରିକମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଦଳିତ ନେତା ଡ. ଆମ୍ବେଦକରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ । ରାଜା ରାଜୁଡ଼ାଙ୍କ ହାତ ପାଣ୍ଠି କାଟିବା, ବ୍ୟାଙ୍କ ଜାତୀୟକରଣ କରିବା, ଗରିବ ହଟାଇବାପାଇଁ ୨୦ଦଫା କାର୍ଯ୍ୟକ୍ରମକୁ ହାତକୁ ନେବା କଂଗ୍ରେସ ସରକାରରେ ହିଁ ସମ୍ଭବ ହୋଇଥିଲା । ୮୦ ଭାଗ ଗରିବ ଲୋକଙ୍କୁ କଂଗ୍ରେସ ଖାଦ୍ୟ ମାଗଣାରେ ଯୋଗାଇଥିଲେ । ୧୯୭୧ ମସିହାରେ କଂଗ୍ରେସ ନେତୃତ୍ୱରେ ପାକିସ୍ଥାନକୁ ଯୁଦ୍ଧରେ ପରାସ୍ତ କରି ପାକିସ୍ଥାନକୁ ଦୁଇଭାଗ କରାଯାଇଥିଲ ।କଂଗ୍ରେସ ସରକାରେ ବିଜ୍ଞାନୀ କାରିଗରୀ କୌଶଳ କମ୍ପ୍ୟୁଟର ଠାରୁ ମୋବାଇଲ ପର୍ଯ୍ୟନ୍ତ ସବୁକିଛି ସମ୍ଭବ ହେବାରୁ ଭାରତବର୍ଷ ପୃଥିବୀରେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେଲା । ମୋଦୀ ପ୍ରଧାନ ମନ୍ତ୍ରୀ ହେବାପରଠାରୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବିପନ୍ନ ହୋଇଛି । ମୋଦୀ ପ୍ରଧାନମନ୍ତ୍ରୀ ହୋଇ ନଥିଲେ ଅତ୍ୟାବଶକୀୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଓ ମୁଦ୍ରାସ୍ଫିତି ହୋଇନଥାନ୍ତା । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଗୁଜୁରାଟରେ ନାଥୁରାମ ଗଡ଼ସେର ପ୍ରତିମୂର୍ତି ନିର୍ମାଣ ହୋଇନଥାନ୍ତା ଓ ଗାନ୍ଧୀଙ୍କ ଫଟୋଚିତ୍ରକୁ ଗୁଳିବର୍ଷଣ ହୋଇନଥାନ୍ତା । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ କରୋନା ନାରେ ହଜାର ହଜାର କୋଟି ଟଙ୍କାର ବାଟମାରଣା ହୋଇନଥାନ୍ତା । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଐତିହାସିକ ଚାଷୀ ଆନ୍ଦୋଳନ ହୋଇନଥାନ୍ତା । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଦେଶର ଗୃହମନ୍ତ୍ରୀଙ୍କ ପୁଅ ଚାଷୀମାନଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରିନଥାନ୍ତେ ଏବଂ ଚାଷୀମାନଙ୍କୁ ଗୁଳି କରି ହତ୍ୟା କରିନଥାନ୍ତେ । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଭୁଲ ବୈଦେଶିକ ନୀତିଯୋଗୁଁ ଚିନ ଓ ପାକିସ୍ଥାନ ଏକାଠି ହୋଇନଥାନ୍ତେ । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଉଭୟ ରାଜ୍ୟ ଏବଂ ଦେଶ ସଲାସୁତରା ହୋଇ ହଜାର ହଜାର କୋଟି ଟଙ୍କା ଆତ୍ମସାତ ହୋଇନଥାନ୍ତା । ମୋଦୀ ପ୍ରଧାନମନ୍ତ୍ରୀ ହୋଇନଥିଲେ ଠିକ୍ ସମୟରେ ଟୀକା ନଦୋବରୁ ଦେଶରେ ୯୩% ଲୋକ କରୋନାରେ ପୀଡ଼ିତ ହୋଇନଥାନ୍ତେ । ଏହା ପ୍ରମାଣିତ ହୋଇଛି ମୋଦୀ ଅପ୍ରତ୍ୟାଶିତ ପ୍ରଶଂସା ନବୀନଙ୍କୁ କରୁଥିବାରୁ ଏବଂ ପୂର୍ବରୁ ନବୀନ ମଧ୍ୟ ବିଜେପି ସହିତ ମିଶି ସରକାରରେ ଥିବାରୁ ନୀବନ ମୋଦିଙ୍କ ଦୁର୍ନୀତି ଛତା ତଳେ ଅଛନ୍ତି । ନରେନ୍ଦ୍ର ମୋଦୀ ମାନସିକ ଭାରସାମ୍ୟ ହରାଇଛନ୍ତି : ଯଜ୍ଞେଶ୍ୱର ବାବୁ, ଉପସଭାପତି, ପ୍ରଦେଶ କଂଗ୍ରେସ କମିଟି । ଏଠାରେ ଉପସ୍ଥିତ ରହି ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ କହିଲେ ଯେ ମୋଦୀଙ୍କର ନ୍ତଅଗର କଂଗ୍ରେସ ନା ହୋତିନ୍ତଭାଷଣରୁ ସ୍ପଷ୍ଟ ହେଉଛି ଯେ ମୋଦି ନିଜର ଅପକର୍ମ ଓ କୁଶାସନ ପାଇଁ ଜନସାଧାରଣଙ୍କ ବିଶ୍ୱାସନୀୟତା ହରାଇଛନ୍ତି । ମୁଖ୍ୟ ପ୍ରସଙ୍ଗରୁ ଓହରିଯାଇ ଏକ ବାଚଳା ଏବଂ ଷଡ଼କଛାପର ପରି ଭାଷଣ ଦେଉଛନ୍ତି । ସେ ଏତଦ୍ୱାରା ନିଜର ପ୍ରଧାନମନ୍ତ୍ରୀ ପଦମର୍ଯ୍ୟାଦା ଏବଂ ସଂସଦର ଗରିମା ନଷ୍ଟ କରିଛନ୍ତି । ଶ୍ରୀ ବାବୁ ପ୍ରଶ୍ନ କରିଛନ୍ତି ଯେ ଦେଶରେ କରୋନା ମହାମାରୀ ବ୍ୟାପିଲା, ଅମ୍ଳଜାନ ବିନା ଲୋକ ମଲେ, ଗଙ୍ଗାନଦୀରେ ହଜାର ହଜାର କରୋନା ଜନିତ ମୃତକଙ୍କ ଶବ ଭାଷିଲା, ବିମୁଦ୍ରୀକରଣ ବିଫଳହେଲା, କଳାଟଙ୍କା ଆସିଲା ନାହିଁ, ଲୋକଙ୍କ ଖାତାରେ ୧୫ଲକ୍ଷ ପଡ଼ିଲା ନାହିଁ, ଦେଶରେ ବେକାରୀଙ୍କ ସଂଖ୍ୟା ଉତ୍କଟ ହେଲା, ଦେଶରେ ଅର୍ଥନୀତି ରସାତଳଗାମୀ ତଥା ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ହେବା ପାଇଁ କ'ଣ କଂଗ୍ରେସ ଦାୟୀକି ? ସେ ପୁଣି ପ୍ରଶ୍ନ କରିଛନ୍ତି ଦେଶର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି, ମଙ୍ଗଳ ଅଭିଯାନ ବିଫଳହେବା, ରାଫେଲ ଯୁଦ୍ଧ ବିମାନ କିଣା ଦୁର୍ନୀତି, ଗଣତନ୍ତ୍ର ହତ୍ୟାକରି ଗୁପ୍ତଚର ପାଇଁ ପେଗାସସ ସଫ୍ଟଓୟାର କିଣା, ଟେଲି ପ୍ରମ୍ପଟ୍ର ଖରାପଯୋଗୁଁ ବିଦେଶରେ ଭାଷଣ ନଦେଇ ପାରି ବେଇଜତ ହେବା, ଦେଶର ଲାଭଦାୟକ କମ୍ପାନୀ ସମୂହକୁ ନିଜ ବନ୍ଧୁଙ୍କ ବିକ୍ରୀ କରିବା, ଫୁଲଓ୍ୱାମା କାଣ୍ଡରେ ଜବାନମାନଙ୍କ ମୃତ୍ୟୁ, ଦେଶର କଳା କୃଷି ଆଇନ ପ୍ରଣୟନ, ୭୫୦ ଆନ୍ଦୋଳନକାରୀ ମୃତ୍ୟୁ, ଦେଶର ବୈଦେଶିକ ନୀତି ଫେଲ ମାରିବା ପାଇଁ କଂଗ୍ରେସ ଦାୟୀକି ? ଓ୍ୱାର୍ଲଡହଙ୍ଗର ଇଣ୍ଡେକ୍ସରେ ଭାରତ ଏକ ଭୋକିଲା ଦେଶର ନିନ୍ଦା ପାଇ ନେପାଳ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ତଳେ ରହିବା ଘଟଣା ପାଇଁ ମୋଦିଙ୍କ ନେତୃତ୍ୱକୁ ଶ୍ରୀ ବାବୁ ଧିକାର କରିଛନ୍ତି । ବର୍ଷକୁ ଦୁଇକୋଟି ନିଯୁକ୍ତି ଦେବାକୁ କହି ଏ ଦେଶର ଅଗଣିତ ଯୁବକଛାତ୍ରମାନଙ୍କୁ ଭୂଆଁ ବୁଲାଇବା ଏବଂ ପ୍ରଶ୍ନକଲେ ପକୋଡା ବିକ୍ରୀ ନିଯୁକ୍ତି ପ୍ରସଙ୍ଗ କହି ବିଭ୍ରାନ୍ତି କରିବା କେବଳ ମୋଦିଙ୍କ ଭଳି ଜଣେ ଅପରିଣାମୀଦର୍ଶ ବ୍ୟକ୍ତି କହିପାରନ୍ତି । ମୋଦୀ ଧର୍ମ ନାମରେ ଭାରତର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି ।


ADMISSION OPEN

MAHARISHI PUBLIC SCHOOL
STD-I TO V

25% SEATS ARE RESERVED FOR EWS
STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray